
**୨୮**

# ବିଂଶ ଶତାବ୍ଦୀରେ ସାଂସ୍କୃତିକ ପରିବର୍ତ୍ତନ

ବଲସେଭିକ୍ ବିପ୍ଳବ, ଦୁଇ ବିଶ୍ୱ ଯୁଦ୍ଧ, ଫାସୀବାଦ, ଏସିଆ ଓ ଆଫ୍ରିକାର ଉପନିବେଶବାଦରୁ ମୁକ୍ତି ପାଇଁ ହୋଇଥିବା ମୁକ୍ତି ଆନ୍ଦୋଳନ ଆଦି ବିଶିଷ୍ଟ ଘଟଣାଗୁଡିକ ପାଇଁ ଆମେ ବିଂଶ ଶତାବ୍ଦୀକୁ ପ୍ରାୟ ମନେପକାଇଥାଉ ।



ଚିତ୍ର-୨୮.୧.୧ ବଲସେଭିକ ବିପ୍ଳବରେ ଦୁର୍ଗ ଉପରେ ଆକ୍ରମଣ



ଚିତ୍ର-୨୮.୧.୨ ଆଫ୍ରିକାର ମୁକ୍ତି ସଂଗ୍ରାମ



ଚିତ୍ର-୨୮.୧.୩ ପର୍ଲହାର୍ବର ଉପରେ ଆକ୍ରମଣ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ



ଚିତ୍ର-୨୮.୧.୪ ଇଟାଲୀର ଫାସୀବାଦ



ଚିତ୍ର-୨୮.୧.୫ ଇଥିଓପିଆର ମୁକ୍ତି ସଂଗ୍ରାମ



ଚିତ୍ର-୨୮.୧.୬ ପ୍ରଥମ ବିଶ୍ୱ ଯୁଦ୍ଧର ଏକ ଖାଇ

ଉକ୍ତ ସମସ୍ତ ବିକାଶ ନିଃସନ୍ଦେହରେ ନିର୍ଣ୍ଣାୟକ ଥିଲା ଏବଂ ଏହା ସମସାମୟିକ ବିଶ୍ୱ ଉପରେ ପ୍ରଗାଢ଼ ପ୍ରଭାବ ପକାଇଥିଲା । ତଥାପି ଏହା କୁହାଯାଇପାରେ ଯେ ସମାଜରେ ଆସିଥିବା ପରିବର୍ତ୍ତନ ଏକ ନାଟକୀୟ ଢ଼ଙ୍ଗରେ ଘଟି ନଥିଲା ବରଂ ଆର୍ଥୀକ, ସାଂସ୍କୃତିକ ତଥା ଜନସଂଖ୍ୟା କ୍ଷେତ୍ରରେ ବହୁ ଧିରେ ଧିରେ ଏବଂ ଦୀର୍ଘକାଳୀନ ପରିବର୍ତ୍ତନର ପରିଣାମ ଅଟେ । ବିଂଶ ଶତାବ୍ଦୀ ମଧ୍ୟ ବହୁ ପରିବର୍ତ୍ତନର ଏକ ସମୟ ସେ ମଧ୍ୟରୁ କିଛି ସେ ସମୟର ଲୋକଙ୍କ ପାଇଁ ଅନୁପଲବ୍ଧ ଥିଲେ ମଧ୍ୟ ତାହା ସାରା ବିଶ୍ୱକୁ ବର୍ତ୍ତମାନର ରୂପ ଦେବା ପାଇଁ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।

ଟିପ୍ପଣୀ

ପୂର୍ବ ପାଠରେ ତୁମ୍ଭେମାନେ ଏ ପ୍ରକାର ଅନେକ ବିକାଶଶୀଳ ଘଟଣା ସମ୍ବନ୍ଧରେ ପଢ଼ିଥିବ ଯଥା:-ଜନସଂଖ୍ୟାରେ ବିସ୍ଫୋଟ, ଦୃଢ଼ ସହାରୀକରଣ ତଥା ପୂର୍ବ ଶତାବ୍ଦୀ ତୁଳନାରେ ମଧ୍ୟବର୍ଗ ଓ ଶ୍ରମିକ ଶ୍ରେଣୀରେ ଅଭୂତପୂର୍ବ ବୃଦ୍ଧି ।

ସାମାଜିକ ଗଠନ ତଥା ବିଭିନ୍ନ ଦେଶର ସାମାଜିକ ଶ୍ରେଣୀ ମଧ୍ୟରେ ସମ୍ପର୍କରେ ଆସିଥିବା ପରିବର୍ତ୍ତନ ସହିତ ଏହି ସମୟରେ ଏକ ସାଂସ୍କୃତିକ ପରିବର୍ତ୍ତନ ଆସିଥିଲା । ଯାହାକି ଲୋକମାନଙ୍କର ମୂଲ୍ୟ, ମନୋବୃତ୍ତି, କଳାତ୍ମକ ରୁଚିକୁ ଧିରେ ତଥା ଦୀର୍ଘକାଳ ପାଇଁ ପରିବର୍ତ୍ତନ କରିଥିଲା । ପରବର୍ତ୍ତୀ ଅଧ୍ୟାୟରେ ଆମ୍ଭେ ଏଥି ମଧ୍ୟରୁ କିଛି ସାଂସ୍କୃତିକ ପରିବର୍ତ୍ତନ ବିଷୟରେ ବିସ୍ତୃତ ପରୀକ୍ଷା କରିବା ସହିତ ଜାଣିବା ପାଇଁ ଚେଷ୍ଟା କରିବା ଯେ ଏହା ଆଜିର ଏକ ସାର୍ବଜନୀନ ବିଶ୍ୱ ସଂସ୍କୃତି ଆଡକୁ ଅଥବା ସଂସ୍କୃତି ମଧ୍ୟରେ ଅତ୍ୟଧିକ ପ୍ରସାରଣ ଓ ସଂଘର୍ଷତା ଆଡକୁ ଗତି କରୁଛି ସଂଘର୍ଷଣ ।

## ଉଦ୍ଦେଶ୍ୟ

ଏହା ପଢ଼ିବା ପରେ ତୁମ୍ଭେ ଜାଣିପାରିବ

- ସଂସ୍କୃତିର ବିଭିନ୍ନ ଅର୍ଥର ବ୍ୟାଖ୍ୟା
- ସଂସ୍କୃତିର ଲକ୍ଷଣ ତଥା ସଂସ୍କୃତିର ବ୍ୟାଖ୍ୟା କରିବାର ସମସ୍ୟା
- ବିଂଶ ଶତାବ୍ଦୀରେ ବିଜ୍ଞାନ, କଳା, ଧର୍ମ, ଶିକ୍ଷା, ଖବର, ମନୋରଞ୍ଜନ, ବ୍ୟବହାର ଓ ମୁଲ୍ୟ ବିଷୟରେ ଘଟିଥିବା ବିଭିନ୍ନ ପରିବର୍ତ୍ତନର ସଂକ୍ଷିପ୍ତ ବର୍ଣ୍ଣନା ଓ
- ବିଶ୍ୱକରଣ ତଥା ଏକକ ବିଶ୍ୱ ଅର୍ଥ ବ୍ୟବସ୍ଥା ଏବଂ ସଂସ୍କୃତି ତଥା ବର୍ତ୍ତମାନ ଚାଲିଥିବା ପାଶ୍ଚାତ୍ ଆଧିପତ୍ୟର ବିରୋଧ ମଧ୍ୟରେ ସନ୍ତୁଳନର ଆକଳନ କରିପାରିବ ।

## ୨୮.୧ ସଂସ୍କୃତିର ବ୍ୟାଖ୍ୟା

ବିଂଶ ଶତାବ୍ଦୀର ସାଂସ୍କୃତିକ ପରିବର୍ତ୍ତନକୁ ଯିବା ପୂର୍ବରୁ ବିଭିନ୍ନ ବିଭାଗ ଦ୍ୱାରା ସଂସ୍କୃତିର କରିଥିବା ବ୍ୟାଖ୍ୟାକୁ ଭଲ ଭାବରେ ନିରିକ୍ଷଣ କରିବା ଦରକାର । ବାସ୍ତବରେ ସଂସ୍କୃତି ସମାଜ ବିଜ୍ଞାନର ଏକ ଜଟିଳ ଶବ୍ଦ ଅଟେ । ଏହାର କାରଣ ହେଲା ଯେ ଏହି ଶବ୍ଦ ପ୍ରଥା, ରୀତିନୀତି ଏବଂ ମୂଲ୍ୟ ଇତ୍ୟାଦି ସହିତ ଜଡିତ ଦେଇଥାଏ ଯାହାକୁ ମାପିବା ବା ପରିଣାମ ନିର୍ଦ୍ଧାରଣ କରିବା କଷ୍ଟସାଧ ଏଥି ସହିତ ବିଭିନ୍ନ ମନିଷୀମାନେ ଏହାକୁ ବିଭିନ୍ନ ଅର୍ଥରେ ବ୍ୟବହାର କରିଛନ୍ତି ।

ଉଦାହରଣ ସ୍ୱରୂପ ସରକାରୀ ଘୋଷଣା ଏବଂ ସାମଚାର ଇସ୍ତାହାରରେ ଏହି ଶବ୍ଦ ମୁଖ୍ୟତଃ କଳାତ୍ମକ ସୃଜନଶୀଳତା ଓ ବୌଦ୍ଧିକ ସଫଳତାରେ ବାରମ୍ବାର ବ୍ୟବହୃତ ହୋଇଥାଏ । ଶାସ୍ତ୍ରୀୟ ତଥା ଲୋକ ସଙ୍ଗୀତ ନୃତ୍ୟ ଶୈଳୀ, ସାହିତ୍ୟ ଇତ୍ୟାଦି ମାଧ୍ୟମରେ ପ୍ରଦର୍ଶିତ ହେଉଥିବା ଭାରତୀୟ ସଂସ୍କୃତି ପାଇଁ ଏହା ବ୍ୟବହାର କରାଯାଇଥାଏ ।

ଉକ୍ତ ଧାରଣାରୁ ଦୂରେଇ ଯାଇ ମାନବ ବିଜ୍ଞାନୀମାନେ ସଂସ୍କୃତି ଶବ୍ଦକୁ ଏକ ମାନବ ଗୋଷ୍ଠୀର ସମ୍ପୂର୍ଣ୍ଣ ଜୀବନ ଶୈଳୀକୁ ବୁଝାଇଥାଏ ଯେଉଁଥିରେ ସେମାନଙ୍କର ଖାଦ୍ୟପାନୀୟ, ବେଶଭୂଷା,

କାମ, ଅବସର ବିନୋଦନର କାର୍ଯ୍ୟ ନିର୍ଘଣ୍ଟ ସହିତ ଲୋକପ୍ରିୟ ପରମ୍ପରା, ପର୍ବପର୍ବାଣୀ ଇତ୍ୟାଦିକୁ ବୁଝାଇଥାଏ । ଉକ୍ତ ପ୍ରଥା ଅନୁଯାୟୀ ନିର୍ଣ୍ଣୟକ ବା ଶାସ୍ତ୍ରୀୟ କଳାକାର ତଥା ଦାର୍ଶନିକ ମାନଙ୍କର କୃତିତ୍ୱକୁ ଗୁରୁତ୍ୱ ନଦେଇ ଦୈନନ୍ଦିନ କାର୍ଯ୍ୟାବଳୀ ଯାହାକି ଗତାନୁଗତିକ ରୀତିରେ ସମାଜରେ ପ୍ରଚଳିତ ତଥା ଗୃହୀତ ପ୍ରଥା ଉପରେ ଗୁରୁତ୍ୱ ଆରୋପ କରିଥାଏ । ଉକ୍ତ ସଂଜ୍ଞା ଅନୁସାରେ ଭାରତୀୟ ସଂସ୍କୃତିର ବ୍ୟାଖ୍ୟା ଲୋକପ୍ରିୟ ପର୍ବପର୍ବାଣୀ, ଧାର୍ମିକ ପରମ୍ପରା ଏବଂ ଜାତିପ୍ରଥା ଉପରେ ଗୁରୁତ୍ୱ ଆରୋପ କରିଥାଏ ।

ଅନ୍ୟ ଏକ ଅର୍ଥରେ ସଂସ୍କୃତିର ଅର୍ଥ ହେଲା ସମାଜର ଉପଲବ୍ଧ ମୂଲ୍ୟ, ବିଶ୍ୱାସ ଏବଂ ଆଚାର ବ୍ୟବହାର ଯାହାକି ସେହି ଗୋଷ୍ଠୀରେ ବିଦ୍ୟମାନ ବା ପ୍ରଚଳିତ ଏବଂ ସଂସ୍କୃତର ମୂଳଧାରା ରୂପେ ସ୍ୱୀକୃତ । ଏଣୁ ଭାରତୀୟ ସଂସ୍କୃତିରେ ପାରମ୍ପରିକ ପାରିବାରିକ ବନ୍ଧନ ଏବଂ ଗୁରୁଜନଙ୍କୁ ସମ୍ମାନ ଉପରେ ପାଶ୍ଚାତ୍ ଦେଶମାନଙ୍କ ଅପେକ୍ଷା ଅଧିକ ଗୁରୁତ୍ୱ ଆରୋପ କରିଥାଏ କାରଣ ସେଠାରେ ବିବାହ ପରେ ସନ୍ତାନମାନେ ପିତାମାତାଙ୍କୁ ଛାଡି ଚାଲିଯାଆନ୍ତି ଏବଂ ତାଙ୍କର ବୈବାହିକ ବନ୍ଧନରେ ଅଧିକ ମାତ୍ରାରେ ଭଙ୍ଗ ପ୍ରବଣତା ଦେଖା ଦେଇଥାଏ ।

ଉକ୍ତ ମାନସିକତା ବା ଆଦର୍ଶ ଏବଂ ବିଶ୍ୱାସ ପଦ୍ଧତିର ବ୍ୟତିରେକ ପ୍ରତ୍ନତତ୍ତ୍ୱବୀତ୍‌ମାନେ ଖନନରୁ ପାଇଥିବା ପ୍ରାଚୀନ ସମ୍ପ୍ରଦାୟର ବସ୍ତୁବାଦୀ ସଂସ୍କୃତି ବା ସର୍ବ ସାଧାରଣରେ ବ୍ୟବହୃତ ବସ୍ତୁବାଦି ସଂସ୍କୃତି ଯଥା:-ମାଟିପାତ୍ର, ଗହଣା, ଗୃହ ଇତ୍ୟାଦିକୁ ଗୁରୁତ୍ୱ ଦେବା ପାଇଁ ଅଧିକ ପସନ୍ଦ କରନ୍ତି ।

ପୂର୍ବ ବର୍ଣ୍ଣିତ ସଂଜ୍ଞାକୁ ଧ୍ୟାନ ପୂର୍ବକ ସମୀକ୍ଷା କଲେ ଜଣାଯିବ ଯେ ସଂସ୍କୃତିର ଅଧ୍ୟୟନ ମସ୍ତିଷ୍କର ଦୁଇ ବିଭିନ୍ନ ମାନଦଣ୍ଡ ଉପରେ ଆଧାରିତ:- ଏକ ପକ୍ଷରେ କଳାତ୍ମକ ଓ ବୌଦ୍ଧିକ ସଂସ୍କାର ଏବଂ ଅନ୍ୟ ପକ୍ଷରେ ଐତିହାସିକ ରୂପରେ କରାଯାଇଥିବା ଭାଗିଦାରୀ ଅଥବା ଲୋକପ୍ରୀୟ ପରମ୍ପରା । ଲୋକପ୍ରିୟ ପରମ୍ପରାକୁ ମଧ୍ୟ ବିଭିନ୍ନ ସ୍ତରରେ ଜାଣିହେବ ଯଥା:- ଭୌତିକ ବସ୍ତୁ, ପ୍ରଥା ବା ମୂଲ୍ୟ ଏବଂ ମନୋବୃତ୍ତି । ସଂସ୍କୃତିର ବିଭିନ୍ନ ରୂପରେଖକୁ ଅନୁସରଣ କରି ବର୍ତ୍ତମାନ ଆମ୍ଭେ ବିଂଶ ଶତାବ୍ଦୀରେ ବିଜ୍ଞାନ, କଳା, ମନୋରଞ୍ଜନ, ମୂଲ୍ୟବୋଧ, ଧର୍ମ ଓ ଶିକ୍ଷା କ୍ଷେତ୍ରରେ ଘଟିଥିବା କିଛି ଅସାଧାରଣ ବିକାଶ ବିଷୟରେ ଅନୁଧ୍ୟାନ କରିବା ।

### ୨୮.୧ ପାଠଗତ ପ୍ରଶ୍ନ

୧. ବିଂଶ ଶତାବ୍ଦୀରେ ଘଟିଥିବା କ୍ରାନ୍ତିକାରୀ ତଥା ଧିରେ ଧିରେ ହୋଇଥିବା ପରିବର୍ତ୍ତନର ଦୁଇଟି ଲେଖାଏଁ ଉଦାହରଣ ଦିଅ ।

୨. ସଂସ୍କୃତି ଶବ୍ଦର ବିଭିନ୍ନ ବ୍ୟାଖ୍ୟାର ତୁଳନା ତଥା ବୈଷମ୍ୟ ଉଲ୍ଲେଖ କର । ତୁମ୍ଭେ ଉକ୍ତ ବ୍ୟାଖ୍ୟାର କିଛି ସାଧାରଣ ଲକ୍ଷଣ ପାଇପାରିବ ?

୩. ସାମାଜିକ ବିଜ୍ଞାନରେ ସଂସ୍କୃତି କାହିଁକି ଏକ ଜଟିଳ ଶବ୍ଦ ଅଟେ ?

## ୨୮.୨ ବିଜ୍ଞାନ ଏବଂ ବୈଷୟିକ ଜ୍ଞାନକୌଶଳ

ବିଂଶ ଶତାବ୍ଦୀରେ ମହତ୍ୱପୂର୍ଣ୍ଣ ସାଫଲ୍ୟ ହେଲା ବିଜ୍ଞାନ ଏବଂ ବୈଶୟିକ ଜ୍ଞାନକୌଶଳରେ ମହତ୍ୱପୂର୍ଣ୍ଣ ସାଫଲ୍ୟ ଯାହାକି ମନୋରଞ୍ଜନ ଓ ଶିକ୍ଷାଠାରୁ ପରିବହନ ଏବଂ ସଂଚାର ପର୍ଯ୍ୟନ୍ତ

ମାନବ ଜୀବନର ପ୍ରତି ଦିଗକୁ ଏହି ସମୟରେ ପ୍ରଭାବିତ ତଥା ପରିବର୍ତ୍ତିତ କରିଥିଲା । ପୂର୍ବ ଶତାବ୍ଦୀରେ ଆଧୁନିକ ଜ୍ଞାନ କୌଶଳ ଦ୍ୱାରା କାର୍, ଉଡାଜାହାଜ, ରେଡିଓ, ଟ୍ରାଞ୍ଜିଷ୍ଟର, ସିନେମା ଓ ଟେଲିଭିଜନ, କାଲକୁଲେଟର ଏବଂ କମ୍ପ୍ୟୁଟର, ସେଟ୍‌ଲାଇଟ୍ ଏବଂ ମୋବାଇଲ ଫୋନ ତଥା ଲେଜର ଏବଂ ଅଙ୍ଗ ପ୍ରତିରୋପଣ ଆଦି ନୂଆ ଉତ୍ପାଦନ ଓ ସେବା ଉପଲବ୍ଧ ହୋଇଥିଲା । ଉକ୍ତ ବୈଷୟିକ ଜ୍ଞାନ କୌଶଳର ଆବିଷ୍କାର ପଛରେ ବିବିଧ ବୈଜ୍ଞାନିକ କ୍ଷେତ୍ର ଯେପରି କି ଏଟୋମିକ୍ ଫିଜିକ୍ସ୍, ଅନୁପୁବଂଶୀକ ଏବଂ ଅଣୁ ଜୀବବିଜ୍ଞାନ ଓ ଆଭ୍ୟନ୍ତରୀକ୍ଷ ଅନୁସନ୍ଧାନରେ ଜଟିଳ ବିକାଶ ହୋଇଥିଲା । ଏହି ସବୁ ବିଷୟରେ ପ୍ରମୁଖ ଆବିଷ୍କାର କରିଥିବା ବୈଜ୍ଞାନିକମାନେ ହେଲେ:- ମ୍ୟାରିକ୍ୟୁରୀ, ଆଲ୍‌ବାଟ୍ ଆଇନଷ୍ଟାଇନ, ପାଇନିମେନ ଓ ହୋମି ଜେ. ଭାବା

କିନ୍ତୁ ମୁଖ୍ୟତଃ ଆଜିକାଲିର ବୈଜ୍ଞାନିକ ବିକାଶ କୌଣସି ଏକ ପ୍ରତିଭାବାନ ବ୍ୟକ୍ତିଙ୍କର ବ୍ୟକ୍ତିଗତ



ଚିତ୍ର ୨୮.୨.୧
ମାଡାମ୍ କ୍ୟୁରୀ
ରେଡିଓ ଆକ୍ଟିଭିଟିର ଉଦ୍‌ଭାବନ



ଚିତ୍ର ୨୮.୨.୨
ରିଚାର୍ଡ ପି. ଫିନ୍‌ମେନ୍



ଚିତ୍ର ୨୮.୨.୩
ଆଲ୍‌ବାର୍ଟ ଆଇନଷ୍ଟାଇନ୍,
ପରମାଣୁ ବୈଜ୍ଞାନିକ



ଚିତ୍ର ୨୮.୨.୪
ହୋମି ଜେ. ଭାବା,
ପରମାଣୁ ବୈଜ୍ଞାନିକ

ପ୍ରଗତି ନୁହେଁ ପରନ୍ତୁ ବିଶ୍ୱର ବିଭିନ୍ନ ଦେଶ ଓ ବିକଶିତ ଦେଶ ବିଶେଷ କରି ଆମେରିକାର ଅତ୍ୟଧିକ ବ୍ୟୟ ବହୁଳ ଅନୁସନ୍ଧାନ କେନ୍ଦ୍ରର ବୈଜ୍ଞାନିକ ମାନଙ୍କର ପ୍ରଗତିର ଫଳ ଅଟେ ।

ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ସମସାମୟିକ ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ କୌଶଳ ମାନବ ସମାଜକୁ ବହୁତ ପ୍ରକାର ସୁବିଧା ସୁଯୋଗ ଦେବା ସତ୍ତ୍ୱେ ସେହି ସମୟରେ ଲୋକଙ୍କମଧ୍ୟରେ ବିଜ୍ଞାନ ପ୍ରତି ଭୟ ଏବଂ ଆଶଙ୍କା ସୃଷ୍ଟି କରିଅଛି ।

ଆଂଶିକ ଭାବରେ ଏହାର କାରଣ ହେଲା ଶିକ୍ଷିତ ଜନ ସାମାନ୍ୟ (Layman) ଙ୍କ ଆଧୁନିକ ବିଜ୍ଞାନରେ ନୂଆ ନୂଆ ଉନ୍ନତି ବିଷୟରେ ଅଜ୍ଞାନତା ହିଁ ଅଟେ । ଆଧୁନିକ ବିଜ୍ଞାନକୁ ଅତ୍ୟଧିକ ଭୟଙ୍କର କରିବାରେ ଅଧିକରୁ ଅଧିକ ଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ଉତ୍ପାଦନରେ ଏହାର ଶକ୍ତିର ଉପଯୋଗ ପୃଥିବୀର ସମବେଦନଶୀଳ ପରିସ୍ଥିତିର ସନ୍ତୁଳନ ପ୍ରତି ବିପଦ ସୃଷ୍ଟି ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଅଛି ।

ବର୍ତ୍ତମାନ ପରିପ୍ରେକ୍ଷୀରେ ବୈଜ୍ଞାନିକ ଅନୁସନ୍ଧାନକୁ ପ୍ରେତ୍ସାହିତ ତଥା ନିୟନ୍ତ୍ରଣ କରିବାରେ ବୈଜ୍ଞାନିକ ତଥା ସରକାରମାନଙ୍କର ସାମାଜିକ ଉତ୍ତରଦାୟୀତ୍ୱ ଓ କର୍ତ୍ତବ୍ୟ ବହୁତ ଅଧିକ ଅଟେ ।



ଟିପ୍ପଣୀ

**କଳା ଓ ସାହିତ୍ୟ**

ବିଜ୍ଞାନ ବ୍ୟତୀତ ବିଭିନ୍ନ କଳା ଯଥା:-ଚିତ୍ରକଳା, ସଙ୍ଗୀତ ଓ ସାହିତ୍ୟ ଏବଂ ସିନେମା ଓ ରେକର୍ଡ କରାଯାଇଥିବା ସଙ୍ଗୀତ ଭଳି ନୂଆ କଳାତ୍ମକ ମାଧ୍ୟମରେ ବିଂଶ ଶତାବ୍ଦୀରେ ମହତ୍ୱପୂର୍ଣ୍ଣ ପ୍ରଗତି ହୋଇଅଛି ।

ଏହି ସମୟରେ ସମ୍ପୂର୍ଣ୍ଣ ରାଷ୍ଟ୍ରରେ ନୂତନ ସୃଜନଶୀଳ କାର୍ଯକୁ ରୂପ ଦେଇଥିବା କିଛି ମୁଖ୍ୟ କଳା ଆନ୍ଦୋଳନ ମଧ୍ୟରେ ଆଧୁନିକତାବାଦ୍, ସାମାଜିକ ଯଥାର୍ଥବାଦ ଏବଂ ଉତ୍ତର ଆଧୁନିକତାବାଦ ପ୍ରମୁଖ ଅଟେ । ବାସ୍ତବରେ ଆଧୁନୀକତାବାଦ ଉନବିଂଶ ଶତାବ୍ଦୀର ଶେଷ ଚତୁର୍ଥାଂଶରେ ୟୁରୋପରେ ଅଗ୍ରଣୀ ଲେଖକ ବର୍ଗ ବା ଅଗ୍ରଣୀ କଳା ପ୍ରବୃତି ରୂପେ ବିକଶିତ ହୋଇଥିଲା ଏବଂ ଏହା ବିଂଶ ଶତାବ୍ଦୀରେ ସମ୍ପୂର୍ଣ୍ଣ ବିଶ୍ୱକୁ ପ୍ରଭାବିତ କରିଥିଲା ।

ଯଦିଓ ଆଧୁନିକତା ବାଦର ବିଭିନ୍ନ ଶାଖାମାନ ଅଛି ଯଥା:-ପ୍ରତୀକବାଦ, ପ୍ରଭାବବାଦ ଏବଂ ଅତି ଯଥାର୍ଥବାଦ ତଥାପି ଏହି ସବୁରେ ଏକ ମୁଖ୍ୟ ସାର୍ବଜନୀନ ପ୍ରବୃତ୍ତି ଅଛି ଯାହା କି ପ୍ରତ୍ୟକ୍ଷ ବିଶ୍ୱରେ ଦେଖା ଯାଉଥିବା ବ୍ୟକ୍ତି ଓ ବସ୍ତୁକୁ ଯଥାରୂପ ଚିତ୍ରଣ କରିବା ସ୍ଥାନରେ ଅବଚେତନ ମନର ଭାବନା ଏବଂ ବିଚାରର ଗଭୀରତାକୁ ପ୍ରକଟ କରିବା ପାଇଁ ଜୋର ଦିଆଯାଇଛି । ଅଧିକନ୍ତୁ ଆଧୁନିକତାବାଦକୁ ବ୍ୟକ୍ତିନିଷ୍ଠ ଏବଂ ଅବଚେତନା ତତ୍ୱ ସହିତ ଅଭିବ୍ୟକ୍ତି କରିବା ପାଇଁ କଳାତ୍ମକ ଅଭିବ୍ୟକ୍ତିକୁ ପାରମ୍ପରିକ ରୂପରେ ମଧ୍ୟ ଶ୍ରେଷ୍ଠ କରାଗଲା ଏବଂ ବାରମ୍ବାର ସାହସିକ ପ୍ରୟୋଗ ପାଇଁ ପ୍ରୟାସ କରାଗଲା । ଏହା ଏକ ସାଧାରଣ ଦର୍ଶକକୁ ଅତ୍ୟନ୍ତ ସୂକ୍ଷ୍ମ ଏବଂ ଅବୋଧଗମ୍ୟ ଲାଗିଲା ।

କେତେକ ମହାନ ଆଧୁନିକତାବାଦୀ ନିଜସ୍ୱ ଶୈଳୀର ବିକାସ କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ ସ୍ପେନର ଚିତ୍ରକର ପାବ୍ଲୋ ପିକାସୋ (Pablo Picasso) ଯିଏ କ୍ୟୁବିଜିମ୍ (Cubism) ବା ବହୁ ପରିସର (Multidimensional) ଚିତ୍ର ଆରମ୍ଭ କରିଥିଲେ । ଏଥି ସହିତ ଆଇରିସ୍ ଲେଖକ ଜେମସ୍ ଜୟସୀ (James Joyee) ଓଲିସେସ (Ulysses) ନାମକ ନିଜ ପୁସ୍ତକରେ ଦି ଷ୍ଟ୍ରୀମ ଅଫ୍ କନ୍‌ସିଆସ୍‌ନେସ୍ (The Stream of consciousness)ର ଟେକ୍‌ନିକ୍‌ର ଶୁଭାରମ୍ଭ କରିଥିଲେ ।



ଚିତ୍ର ୨୮.୩ - ପିକାସୋ

ବିଡମ୍ବନା ଏହି ଯେ ଅଧିକାଂଶ ଆଧୁନିକତାବାଦୀମାନେ ନିଜନିଜର ଶୈଳୀର ବିକାଶ କରିବା ପାଇଁ ଅତ୍ୟନ୍ତ ଦୃଢ଼ ଏବଂ ଅଭିଜ୍ଞ ଥିଲେ ମଧ୍ୟ ଅନେକ ନିଜର ସାମାଜିକ ତଥା ରାଜନୈତିକ ଦୃଷ୍ଟିକୋଣରୁ ସେ ସମୟର ରାଜନୈତିକ ବିବାଦ ପ୍ରତି ଉଦାସୀନ ରହିବା ସତ୍ତ୍ୱେ ଆଧୁନିକ ସଭ୍ୟତା ଓ ମାନବିକ ସ୍ଥିତି ପ୍ରତି ଅତ୍ୟନ୍ତ ନୈରାଶ୍ୟଜନକ ସ୍ଥିତିରେ ଥିଲେ ।

ଠିକ୍ ଏହି ସମୟରେ ଅନ୍ୟ ଏକ ଗୋଷ୍ଠୀର କଳାକାରମାନେ ସାମାଜିକ ଯଥାର୍ଥବାଦ ଶୈଳିକୁ ମାଧ୍ୟମ କରି ଅଧିକ ପ୍ରଗତିଶୀଳ ଏବଂ ସାମାଜିକ ପରିବର୍ତ୍ତନ ପ୍ରତି ଆଶାବାଦୀ ଦୃଷ୍ଟିକୋଣ ରଖି କଳାତ୍ମକ ଅଭିବ୍ୟକ୍ତି କରିଥିଲେ । ଜର୍ମାନର ନାଟ୍ୟକାର ବାରଟୋଲ୍ଡ ବ୍ରୀଚ (Bertold Brecht) ଇଂଲଣ୍ଡର ଜର୍ଜ ବାର୍ନାର୍ଡ ସ (Gerge Bernard Shaw), ଔପନ୍ୟାସିକ ମେକ୍ସିମ୍‌ଗର୍କୀ (Maxim Gorki) ଏବଂ କବି ଆଲେକଜାଣ୍ଡର ବ୍ଲକ (Alexander Blok) ଇତ୍ୟାଦିମାନେ ଉକ୍ତ ନୂତନ ଶୈଳିର ଦୀଗ୍‌ଦର୍ଶକ ଥିଲେ । ଉକ୍ତ କବି ଓ ଲେଖକମାନେ ସମତାବାଦୀ ପରିବର୍ତ୍ତନର ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ ।

ବୋଲସେଭିକ ବିପ୍ଳବ ଏବଂ ସୋଭିଏତ୍ ସଂଘର ସୃଷ୍ଟି ଅନେକଙ୍କୁ ପ୍ରେରଣା ଦେଇଥିଲା ଏବଂ କଳାତ୍ମକ ପ୍ରବୃତି ରୂପରେ ସାମାଜିକ ଯଥାର୍ଥବାଦ ଅନେକ ଅଣ-କମ୍ୟୁନିଷ୍ଟ ଦେଶକୁ ସୃଜନାତ୍ମକ କାମ କରିବାକୁ ଉତ୍ସାହିତ କରିଥିଲା । ଯେଉଁମାନେ କି ସେହି ସମୟରେ ଔପନିବେଶିକ ସାମନ୍ତବାଦୀ ତଥା ପୁଞ୍ଜୀବାଦି ଶୋଷଣର ଭୟଙ୍କର ଜାଲରେ ଛନ୍ଦି ହୋଇଥିଲେ । ଉଦାହରଣ ସ୍ୱରୂପ ଭାରତରେ ୧୯୪୦ରେ ବାମପନ୍ଥୀଙ୍କ ସ୍ୱଷ୍ଟ ସହନୁଭୂତିରେ କମି ମାଜାଜ (Majaz) ଓ ଜୋସ୍ (Josh) ପ୍ରଗତିଶୀଳ ଲେଖକ ସଂଘ ଗଠନ କରିଥିଲେ । ଅନ୍ୟାନ୍ୟ ବିଦ୍ୱାନ ଲେଖକମାନଙ୍କ ମଧ୍ୟରେ ପ୍ରେମଚାନ୍ଦ ସେମାନଙ୍କ ଲେଖା ମାଧ୍ୟମରେ ସେ ସମୟର ପ୍ରକୃତ ଗ୍ରାମୀଣ ଜୀବନ ପ୍ରତି ସାମାଜିକ ସମ୍ବନ୍ଧକୁ ପ୍ରତିଫଳନ କରିଥିଲେ ସେହିପରି ଭାବରେ ଚୀନ୍‌ରେ ସାମଜବାଦୀ ଚିନ୍ତାଦ୍ୱାରା ପ୍ରେରିତ ଯଥାର୍ଥବାଦୀ ଲେଖାଗୁଡିକ ଲୁ ସୁନ୍ (Lu-Hsun)ଙ୍କ ଭଳି ମହାନ୍ ବିଦ୍ୱାନଙ୍କ ଦ୍ୱାରା ରଚିତ ହୋଇଥିଲା । ଲାଟିନ ଆମେରିକାରେ ଆମେରିକା ବିରୋଧୀ ପ୍ରତିରୋଧ ପ୍ଲାବ୍ଲ ନିରୁଦା (Pablo Neruda)ଙ୍କ କବିତାକୁ ପ୍ରେରଣା ଦେଇଥିଲେ ।

ବାସ୍ତବରେ ଉନବିଂଶ ଏବଂ ବିଂଶ ଶତାବ୍ଦୀରେ ଏସିଆ ଆଫ୍ରିକା ଓ ଲାଟିନ ଆମେରିକା ଆଦି ଦେଶମାନଙ୍କରେ ଦେଖା ଦେଇଥିବା କଳା ଓ ସାହିତ୍ୟର ପରିସ୍ଫୁଟନ ଏଇ ଯୁଗର ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ ଅଟେ । ଏହି ଦେଶମାନଙ୍କର କଳାକାରମାନେ ଏକପକ୍ଷରେ ଜାତୀୟତାବାଦୀ ଉଚ୍ଚ ଅଭିଳାଷକୁ ପରିପ୍ରକାଶ କରିବା ସଙ୍ଗେ ସଙ୍ଗେ ନିଜ ସମାଜରେ ଚାଲିଥିବା ସାମନ୍ତବାଦୀ ଓ ମୁଣ୍ଡ ଟେକିଥିବା ପୁଞ୍ଜିବାଦୀ ଶୋଷଣକୁ ମଧ୍ୟ ଉଲ୍ଲେଖ କରିଥିଲା । ଏଥି ସହିତ ଦ୍ରୁତ ଗତିରେ ଆସୁଥିବା ଆଧୁନିକୀକରଣର ଲହରୀକୁ ଅସାଧାରଣ ଦ୍ୱନ୍ଦ ମଧ୍ୟରେ ନିଜର ପରମ୍ପରାକୁ ସଂଶ୍ଲେଷଣ କରିବା ମଧ୍ୟ ପ୍ରକାଶ କରିଥିଲେ । ଶହେ ବର୍ଷ ପୂର୍ବର ସୃଜନାତ୍ମକ ଲେଖକ ରବୀନ୍ଦ୍ର ନାଥ ଟେଗୋରଠାରୁ ଆରମ୍ଭ କରି ଉପନିବେଶବାଦର ପରବର୍ତ୍ତୀ ଯୁଗର ଲାଟିନ୍ ଆମେରିକାର ଗ୍ରେବିଏଲ୍ ଗର୍ସିଆ ମାର୍କୁରଜ (Gabriel Garcia Marquez)ଏକ ଆଫ୍ରିକାର ଚିନୁଆ ଏସିବ୍ (Chinua Acebe)ଙ୍କ ଚିନ୍ତାଧାରା ଆଜିକାଲିର ସୃଜନାତ୍ମକ ସାହିତ୍ୟ ରଚନା କରିଥିଲେ ।

### ଦର୍ଶନ ଓ ମାନବ ବିଜ୍ଞାନ

ବିଂଶ ଶତାବ୍ଦୀରେ ବିଶେଷ କରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ବିଶ୍ୱର ଅଧିକାଂଶ ରାଷ୍ଟ୍ରରେ ଛାତ୍ର, ବିଶ୍ୱବିଦ୍ୟାଳୟର ବିଭାଗ ଏବଂ ପ୍ରକାଶନ ହିସାବରେ ମାନବ ବିଜ୍ଞାନ (ସାମାଜିକ ବିଜ୍ଞାନ ଏବଂ ମନୋବିଜ୍ଞାନ)ର ଏକ ଅଭୁତ ପୂର୍ବ ବୃଦ୍ଧି ଘଟିଅଛି । ଏହି ବିସ୍ତାର ସତ୍ତ୍ୱେ ଏବଂ ପ୍ରକାଶନରେ ଦୃଢ଼ ପ୍ରସାର ତଥା ସାମାଜିକ ବୈଜ୍ଞାନିକ ମାନଙ୍କର ପ୍ରଗତି ଦ୍ୱାରା ବିଶେଷଜ୍ଞତା ତଥା ବିଶେଷଜ୍ଞ ହେବାପାଇଁ ଜ୍ଞାନ ତଥା ବିଶିଷ୍ଟ ଶବ୍ଦାବଳୀର ବ୍ୟବହାର, ଯାହାକି ଆଜିକାଲିର ଶିକ୍ଷା ସଂକ୍ରାନ୍ତ ଲେଖାର ମୂଳ ଚରିତ୍ର, ଅଧିକ ମାତ୍ରାରେ ଦେଖା ଦେଇଅଛି ।



ଟିପ୍ପଣୀ

ସାମାଜିକ ଓ ଦର୍ଶାନତ୍ମକ ଅନୁସନ୍ଧାନରେ ବ୍ୟାପକ ଏବଂ ଅଣ-ବିଶେଷଜ୍ଞ ମନୋନିବେଶ କେତେକ ନୂତନ ବିଶେଷ ଜ୍ଞାନ ହାସଲ କରିବା ପାଇଁ ବିଷୟଗୁଡ଼ିକୁ ଜନ୍ମ ଦେବା ଘଟଣା ଉନବିଂଶ ଶତାବ୍ଦୀ ୟୁରୋପ ସହିତ ଜଡ଼ିତ ଯେତେବେଳେ ଅର୍ଥଶାସ୍ତ୍ର, ରାଜନୀତିବିଜ୍ଞାନ, ସମାଜ ବିଜ୍ଞାନ, ମାନବ ବିଜ୍ଞାନ ମନୋବିଜ୍ଞାନ ଏବଂ ମନସ୍ତତ୍ୱବିଜ୍ଞାନ ଆସ୍ତେ ଆସ୍ତେ ନିଜର ବିଶିଷ୍ଟ ପଦ୍ଧତି ସହିତ ପୃଥକ ଅଧ୍ୟୟନର ବିଷୟ ରୂପେ ବିକଶିତ ହୋଇଥିଲା ।

ଏହି ସମୟରେ ଏ.ଜେ.ଆୟାର (A.J. Ayre) ଉତ୍‌ଗେନ ଷ୍ଟାଇନ (Wittgenstein) ଙ୍କ ପରି ବିଚାରକଙ୍କ ପ୍ରଭାବରୁ ଦର୍ଶନ ଶାସ୍ତ୍ର ନିଜର ବିଚାର ଦୃଷ୍ଟିରୁ ଗତିକୁ ନୈତିକତା ଓ ରାଜନୀତିର ବ୍ୟାପକ ପ୍ରଶ୍ନର ଅନ୍ୱେଷଣରୁ କଠୋର ଭାବେ ଜଡ଼ିତ ରହି ଭାଷା ଓ ପ୍ରତୀକର ପ୍ରକୃତିକୁ ବ୍ୟାଖ୍ୟା କରିବା ପାଇଁ ପରିବର୍ତ୍ତନ କରିଥିଲା । ଏହା ମାଧ୍ୟମରେ ବିଭିନ୍ନ ବିବାଦୀୟ ବିଷୟକୁ ଉପସ୍ଥାପନ କରାଯାଏ ।

**ମହାନ ବିଚାରକ**



ଚିତ୍ର ୨୮.୪.୧
ଇ.ପି. ଥମ୍ପସନ୍



ଚିତ୍ର ୨୮.୪.୨
ଅମର୍ତ୍ତ୍ୟ ସେନ

ଏହାର ଅଭିପ୍ରାୟ ଏହା ନୁହେଁ ଯେ କାର୍ଯ୍ୟକାରିତା, ମାନବ ପ୍ରକୃତି ଓ ପରିବର୍ତ୍ତନ ସମ୍ବନ୍ଧୀୟ ବ୍ୟାପକ ପ୍ରଶ୍ନ ଆଜି ଉଠା ଯାଉନାହିଁ । ବାଟ୍ରାଣ୍ଡ ରସେଲ (Bertraind Russell) ନୋଏମ୍ ଚୋମ୍‌ସ୍କି (Noam chomsky) ଓ ଲୁଇସ୍ ଆଲୁଥୁସାର (Louis Athusser) ବ୍ୟାପକ ବିଷୟରେ ଲେଖା ଜାରି ରଖିଛନ୍ତି ।

## ପାଠଗତ ପ୍ରଶ୍ନ ୨୮.୨.୧

୧. ବିଂଶ ଶତାବ୍ଦୀର ଚାରିଜଣ ବିଶିଷ୍ଟ ବୈଜ୍ଞାନିକଙ୍କ ନାମ ସହିତ ସେମାନଙ୍କର ଆବିଷ୍କାର ବିଷୟରେ ଉଲ୍ଲେଖ କର ।

..............................................................................................



ଟିପ୍ପଣୀ



୨. ବିଂଶ ଶତାବ୍ଦୀରେ ହୋଇଥିବା କଳା ଆନ୍ଦୋଳନର ନାମ ଉଲ୍ଲେଖ କର ଯାହା ବିଭିନ୍ନ ରାଷ୍ଟ୍ରରେ କଳାକାର ଓ ଲେଖକମାନଙ୍କୁ ପ୍ରଭାବିତ କରିଥିଲା ।

.......................................................................................

୩. କେତେକ ବିଚାରକଙ୍କ ନାମ ଲେଖ ଯେଉଁମାନେ ନୂତନ ଶୈଳୀରେ ଓ ରାଜନୀତି ଉପରେ ଲେଖା ଜାରି ରଖିଥିଲେ ଯେତେବେଳେ ଅତିରିକ୍ତ ବିଶେଷତା ଏବଂ ବଳିଷ୍ଟ ଶବ୍ଦାବଳୀ ବ୍ୟବହାର ପୂର୍ବ ଶତାବ୍ଦୀର ଅଧିକାଂଶ ଲେଖକମାନେ କରୁଥିଲେ ।

.......................................................................................

## ୨୮.୩ ସାଂସ୍କୃତିକ ସଂସ୍ଥା ଓ ପ୍ରତୀକ

ସାଂସ୍କୃତିକ ଇତିହାସରେ ବୈଜ୍ଞାନିକ, ଦର୍ଶନଶାସ୍ତ୍ରୀ ତଥା କଳାକାର ମାନଙ୍କର କୃତିତ୍ୱ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସାଂସ୍କୃତିକ ସଂଗଠନରେ ପରିବର୍ତ୍ତନ ଯଥା:-ଧର୍ମ, ଲୋକଗୀତ, ଭାଷା, ଶକ୍ଷା ବ୍ୟବସ୍ଥା ଏବଂ ମାସ୍ ମିଡିଆ (Mass Media) ଇତ୍ୟାଦି ସାଂସ୍କୃତିକ ପରିବର୍ତ୍ତନର ଅଧ୍ୟୟନରେ ଉଲ୍ଲେଖନୀୟ ସ୍ଥାନ ଗ୍ରହଣ କରିଥାଏ । ମାନବ ବିଜ୍ଞାନୀ ଏହି ସାଂସ୍କୃତିକ ସଂସ୍ଥା ବା ପ୍ରତୀକ ପ୍ରଣାଳୀ ପ୍ରତି ସଙ୍କେତ ଦିଅନ୍ତି ଯିଏ ଏହାର ଭାଗୀଦାରିର ମୂଲ୍ୟ ଓ ଏହାର ବିଶ୍ୱ ଦୃଷ୍ଟି କୋଣର ସମ୍ବନ୍ଧ ପଦ୍ଧତିକୁ ପ୍ରତିନିଧିତ୍ୱ କରେ । ଏହି ସାଂସ୍କୃତିକ ପ୍ରତୀକର ବହୁ ଐତିହାସିକ ମହତ୍ୱ ରହିଅଛି । ଏହାର କାରଣ କେବଳ ଏତିକି ନୁହେଁ ଯେ ଏହା କେବଳ ସୂଚନା, ମନୋରଞ୍ଜନ ଏବଂ ବିଶ୍ୱାସ ଅଥବା ଜୀବନର ମାନକୁ ସମ୍ବୋଧନ କରିଥାଏ । ଏତ୍ ସହିତ ସେଗୁଡିକ ମଧ୍ୟ ବିଭିନ୍ନ ସାମାଜିକ ଶ୍ରେଣୀର ମୂଲ୍ୟ, ବିଶ୍ୱାସ, ମାନସିକ ଆବେଗ ଏବଂ ଆଚାର ବ୍ୟବହାର ଶୈଳୀକୁ ରୂପ ରେଖ ଦେବା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

କିନ୍ତୁ ଏଠାରେ ଧ୍ୟାନ ଦେବା ଉଚିତ୍ ଯେ ଅଧିକାଂଶ ସମାଜ ଆଇନ୍ କାନୁନ୍ ଏବଂ ସାଂସ୍କୃତିକ ଅନୁଷ୍ଠାନଗୁଡିକ ଯଥା ଶିକ୍ଷା ଓ ମାସ୍ ମିଡିଆ (Mass Media) ଗୁଡିକର ନିୟନ୍ତ୍ରଣ ପ୍ରଭାବୀ ଆଭିଜାତ୍ୟ ବର୍ଗର ଲୋକଙ୍କ ହାତରେ ଥିଲା । ସେମାନେ ସାଧାରଣତଃ ସମ୍ପତ୍ତି ସହିତ କ୍ଷମତାକୁ ମଧ୍ୟ ନିୟନ୍ତ୍ରଣ କରୁଥିଲେ । ତୁମେ ଜାତିପ୍ରଥା, ସତୀ ପ୍ରଥା ଇତ୍ୟାଦି ବିଷୟରେ ଥିବା ହିନ୍ଦୁ ବିଶ୍ୱାସ ପ୍ରତି ବ୍ରାହ୍ମଣମାନଙ୍କର ପ୍ରାଦୁଃଭାବ ବିଷୟରେ ଆଗରୁ ଜାଣିଥିବ ଯେଉଁଥିରେ ବିଶେଷ ରୂପରେ ପ୍ରାଚୀନ ଭାରତରେ ଉଚ୍ଚ ଜାତିର ଲୋକମାନେ ଶୁଦ୍ରମାନଙ୍କ ପାରିଶ୍ରମିକ ଫଳକୁ ନିଜ ଆୟତରେ ରଖିଥିଲେ । ସେହିପରି ଭାବରେ ଆଧୁନିକ ଯୁଗରେ ପୁଞ୍ଜୀବାଦୀ ବର୍ଗ ବ୍ୟାପକ ଜନ ମାନସକୁ (Mass Media) ବ୍ୟାପକ ଭାବେ ପ୍ରଭାବିତ କରୁଛନ୍ତି ଏବଂ ବିଶ୍ୱାସ ଏବଂ ଆଚାର ବ୍ୟବହାରକୁ ଏଭଳି ଢ଼ାଞ୍ଚାରେ ପକାଇବାକୁ ଚେଷ୍ଟା କରୁଛନ୍ତି ଯାହାଦ୍ୱାରା ଏହା ଶୋଷିତ ଗୋଷ୍ଠୀକୁ ବଳପ୍ରୟୋଗ ଦ୍ୱାରା ବା ବିନା ବଳ ପ୍ରୟୋଗ ଦ୍ୱାରା ନିଜର ନିୟନ୍ତ୍ରଣରେ ରଖି ପାରିବେ ।

ଏହି ସାଧାରଣ ନିୟମର ବଶବର୍ତ୍ତୀ ହୋଇ ଚାଲୁଥିବା ସାଂସ୍କୃତିକ ଅନୁଷ୍ଠାନ ଗୁଡିକ ମଧ୍ୟରେ ସେମାନଙ୍କର ସ୍ୱଭାବରେ ବିବିଧତା ଦୃଷ୍ଟି ଗୋଚର ହୁଏ । ବିଗତ ଶତାବ୍ଦୀ ବାସ୍ତବରେ ଦୃଢ଼ ପରିବର୍ତ୍ତନର ଏକ ଉତ୍କୃଷ୍ଟ ସମୟ ଥିଲା ଯେତେବେଳେ କେବଳ ଶିକ୍ଷାର ସନ୍ଦେଶ ଓ ବିଷୟବସ୍ତୁ, ଧର୍ମ ଓ ଲୋକ ସଂସ୍କୃତିରେ ମୌଳିକ ପରିବର୍ତ୍ତନ ଘଟିବା ସଙ୍ଗେ ସଙ୍ଗେ ସାରା



ଟିପ୍ପଣୀ

ପୃଥିବୀର ଦେଶମାନଙ୍କରେ ଥିବା ସାଂସ୍କୃତିକ ଅନୁଷ୍ଠାନମାନଙ୍କ ମଧ୍ୟରେ ଥିବା ସନ୍ତୁଳନରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଥିଲା ।

**ଭାଷା**

ଯେ କୌଣସି ସଂସ୍କୃତିର ମୁଖ୍ୟ ଉପାଦାନ ଏହାର ଭାଷା ଅଟେ । ବିଂଶ ଶତାବ୍ଦୀରେ ବିଶ୍ୱ ଭାଷା ତତ୍ତ୍ୱ ମାନଚିତ୍ରରେ ଏକ ନାଟକୀୟ ପରିବର୍ତ୍ତନ ଦେଖା ଯାଇଥିଲା ଏହାଦ୍ୱାରା ସର୍ବ ସାଧାରଣ ବିଦିତ ସ୍ଥାନୀୟ ଭାଷା ସଙ୍ଗେ ସଙ୍ଗେ ସଂସ୍କୃତ ଏବଂ ଲାଟିନ ଭଳି ଉତ୍କୃଷ୍ଟ ଭାଷା, ଯାହାକି ଶତାବ୍ଦୀ ଧରି ବିଦ୍ୱାନମାନଙ୍କର ଜ୍ଞାନ ପାଇଁ ବିଶିଷ୍ଟ ମାଧ୍ୟମ ଥିଲା, କେତେକ ବିଶିଷ୍ଟ ରାଷ୍ଟ୍ରୀୟ ଭାଷାକୁ ଜନ୍ମ ଦେଇଥିଲା ଯାହାକୁ ବିଭିନ୍ନ ଅଞ୍ଚଳ ନିଜ ନିଜର ମୁଣ୍ଡ ଟେକି ଉଠିଥିବା ଜାତୀୟତା ବୋଧର ପରିପ୍ରକାଶ ପାଇଁ ଗ୍ରହଣ କରିଥିଲେ । ଏହା ଅନୁମାନ କରାଯାଏ ଯେ ଏବେ ମଧ୍ୟ ସାରା ବିଶ୍ୱରେ ପ୍ରାୟ ୬୫୦୦ ଭାଷା ପ୍ରଚଳିତ ଅଛି । ଏହାର ପ୍ରାୟ ଅର୍ଦ୍ଧେକ ଛୋଟ ଛୋଟ ସମୁଦାୟ ଦ୍ୱାରା ବିଦିତ ଅଛି ଏବଂ ଲୁପ୍ତ ହେବା ପ୍ରକ୍ରିୟାରେ ହିଁ ଅଛନ୍ତି । ଦଶଟି ପ୍ରମୁଖ ଭାଷା ବିଶ୍ୱର ଅର୍ଦ୍ଧାଧିକ ଲୋକଙ୍କର ମାତୃଭାଷା ଅଟେ (ସୌଜନ୍ୟ:-Foundation for Endangered languages website)

ସାମ୍ପ୍ରତିକ ସମୟରେ ବିଶ୍ୱର ଭାଷା ଶୈଳୀରେ ଏକ ପରିବର୍ତ୍ତନ ଆସିଅଛି । ତାହାହେଉଚି ଦ୍ୱିଭାଷିକତା ବା ଦୁଇଟି ଭାଷାରେ ଲେଖା ପଢ଼ା କରିବାର ପ୍ରୟାସ । ଏହା ସାଧାରଣତଃ ପୃଥିବୀର ବର୍ଦ୍ଧିତ ଶିକ୍ଷିତ ସମାଜଠାରେ ଦେଖାଯାଏ । ବିଶେଷ କରି ଇଂରାଜୀ ଭାଷା ବୈଶିକରଣ (Globalization) ଏବଂ ଇଣ୍ଟରନେଟର ବିକାଶ ସଙ୍ଗେ ସଙ୍ଗେ ଦ୍ୱିତୀୟ ପୋଷ୍ୟ ଭାଷାର ମାନ୍ୟତା ପ୍ରାପ୍ତ ହୋଇଛି । ଯଦିଓ ଚୀନ ଭାଷା ଏବେ ବିଶ୍ୱର ସର୍ବ ବୃହତ୍ ଭାଷା ତତ୍ତ୍ୱ ମଣ୍ଡଳୀରେ ରହିଛି, ସେହିପରି ଇଂରାଜୀ ଜାଣିଥିବା ଲୋକଙ୍କ ସଂଖ୍ୟା (ବିଶ୍ୱଜନ ସଂଖ୍ୟାର ୧୦ ପ୍ରତିଶତ) ଦୁଇ ନମ୍ବରରେ ଅଛି ଶେଷରେ ଇଂରାଜୀକୁ ଦ୍ୱିତୀୟ ଭାଷା ହିସାବରେ ଜାଣିଥିବା ଲୋକଙ୍କର ସଂଖ୍ୟା ବିଶ୍ୱରେ ସର୍ବାଧିକ ଅଟେ । ଶିକ୍ଷାର ବୃଦ୍ଧି ଓ ପ୍ରଚାର ଓ ପ୍ରସାରର ପ୍ରଭାବ ହେତୁ ଭାଷାମାନଙ୍କ ମଧ୍ୟରେ ପରସ୍ପର ଆଦାନ ପ୍ରଦାନ ଦ୍ୱାରା ହୋଇଥିବା ମିଶ୍ରଣ ବିଂଶ ଶତାବ୍ଦୀରେ ଭାଷାମାନଙ୍କ ମଧ୍ୟରେ ହୋଇଥିବା ବିକାଶର ଅନ୍ୟ ଏକ ମୁଖ୍ୟ ଅଙ୍ଗ ଅଟେ । ଯଦିଓ ଇଂରାଜୀ ଭାଷା ଫରାସୀ ଓ ହିନ୍ଦି ସହିତ ଅନ୍ୟ ଭାଷାମାନଙ୍କର ଅନେକ ଶବ୍ଦକୁ ଗ୍ରହଣ କରିଅଛି ସେତେବେଳେ ଭାରତର ହିଂଗଲିସ (Hinglish) ର ବିକାଶ ବା ଇଂରାଜୀ, ହିନ୍ଦି ଓ ଉର୍ଦ୍ଦୁର ମିଶ୍ରଣରେ ହୋଇଥିବା କଥିତ ଭାଷା ଭାରତୀୟମାନଙ୍କ ଦ୍ୱାରା ବ୍ୟବହାର ଏଇ ପରିପ୍ରେକ୍ଷୀରେ ଏକ ଉଲ୍ଲେଖନୀୟ ଘଟଣା ।

**ଲୋକ ପରମ୍ପରା**

ବିଂଶ ଶତାବ୍ଦୀରେ ବିଭିନ୍ନ ସମାଜର ଲୋକପ୍ରିୟ ସଂସ୍କୃତିର ଲୋକକଥା ସ୍ଥିତିରେ ବଡ ପରିବର୍ତ୍ତନ ଆସିଥିଲା । ବିଗତ ଶତାବ୍ଦୀରେ ବିକାଶଶୀଳ ଜଗତର ଡର୍ଜନେ (Dorzen) ପ୍ରାୟ ପରମ୍ପରିକ କଳା ଓ ମନୋରଞ୍ଜନର ରୀତି ଯଥା:-କଣ୍ଢେଇ ନାଚ, କାହାଣୀ ଶୁଣାଇବା, ପୌରାଣିକ ନାଟକ, ଲୋକନୃତ୍ୟ ଆଦି ଧିରେ ଧିରେ କିନ୍ତୁ ନିଶ୍ଚିତ ଭାବେ ଲୀନ ହୋଇଯାଇଥିଲା । ସମାଜରେ ପ୍ରଚଳିତ ପୁରୁଣା ଗୀତ, କାହାଣୀ ଓ ପୌରାଣିକ ଉପାଖ୍ୟାନ ଇତ୍ୟାଦି ଯାହାକି ବିଭିନ୍ନ ସମୁଦାୟ ଦ୍ୱାରା ନିଜର ବିଚାର ଧାରାକୁ ସମ୍ପ୍ରେଷଣ କରିବା ପାଇଁ ଏବଂ ଆଗତ ନୂଆ ପିଢ଼ିଙ୍କ ମୂଲ୍ୟବୋଧ



ଟିପ୍ପଣୀ

ପାଇଁ ବ୍ୟବହାର କରୁଥିଲେ ତାହା ତୀବ୍ର ଗତିରେ ଲୋପ ପାଇ ଗଲା ଏବଂ ସେ ସ୍ଥାନରେ ଆଧୁନିକ ପ୍ରଚାର ପ୍ରସାର ମାଧ୍ୟମରେ ବ୍ୟବସାୟ ପାଇଁ ତିଆରି ହୋଇଥିବା ମନୋରଞ୍ଜନ ଓ ସମାଚାର କାର୍ଯ୍ୟକ୍ରମ ନିଜର ସ୍ଥାନ ସ୍ଥାପନକଲା ।

ଏହା ସତ୍ତ୍ୱେ ରାଜ୍ୟ ତଥା ନାଗରୀକ ପ୍ରତିନିଧିଙ୍କ ଦ୍ୱାରା ଯେପରିକି ଭାରତ ଭଳି ଦେଶରେ ବର୍ତ୍ତମାନ ଆର୍ଥିକଅନୁଦାନ ତଥା ସଂସ୍ଥାଗତ ସମର୍ଥନ ଦ୍ୱାରା ଏହାର ରକ୍ଷଣାବେକ୍ଷଣା କରାଯାଉଅଛି ।

**ଜନ ସଂଚାର ମାଧ୍ୟମ** (Mass Media)

ଅନ୍ୟ ପକ୍ଷରେ ରେଡିଓ, ସିନେମା, ଗ୍ରାମଫୋନ ରେକଡ, ଟେଲିଭିଜନ, କେସେଟ ଏବଂ ସିଡି ଓ କମ୍ପ୍ୟୁଟର ଓ ମୋବାଇଲ ଫୋନ ଆଜି ଅତି କ୍ଷିପ୍ର ଗତିରେ ମାନବ ଜୀବନକୁ ପ୍ରଭାବିତ କରିଛି ଏବଂ ଆମ ସୂଚନା ପ୍ରାପ୍ତିର ପଥରେ, ମନୋରଞ୍ଜନ କରିବାରେ ଏବଂ ପରସ୍ପର ମଧ୍ୟରେ ସମ୍ପର୍କ ସ୍ଥାପନରେ ତଥା ଏପରିକି ସାମାଜିକ ଓ ରାଜନୈତିକ ବ୍ୟାପାରରେ ପ୍ରତିକ୍ରିୟା ବ୍ୟକ୍ତ କରିବାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ଦେଇଛି ।

ଯଦିଓ ସିନେମା ଓ ଟେଲିଭିଜନ ଭଳି କେତେକ ନୂଆ ମାଧ୍ୟମ ଦ୍ୱାରା ଚାର୍ଲି ଚାପଲିନ୍ (Charlie Chaplin) ସତ୍ୟଜିତ ରାୟ (Satyajit Ray) ଓ ଷ୍ଟିଭେନ ସ୍ପିଲବର୍ଗ (Steven Spielberg)ଙ୍କ ଭଳି ଶତାବ୍ଦୀର ମହାନ କଳାକାରମାନଙ୍କୁ ଅତ୍ୟନ୍ତ ଉଚ୍ଚକୋଟିର କଳାତ୍ମକ ସିନେମା ତଥା ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମର ପ୍ରସ୍ତୁତି ପାଇଁ ନିଯୁକ୍ତ କରାଯାଇଥିବା ସତ୍ତ୍ୱେ ବିଜ୍ଞାପନ ପାଇଁ ଉଦ୍ଦିଷ୍ଟ ଓ ଲୋକପ୍ରିୟତା ପାଇଁ ପ୍ରତିଯୋଗୀତା ଯାହା କି ସଂଚାର ମାଧ୍ୟମରେ ଗତିପଥର ଏକ ଉତ୍ସ ଏବେ ଉତ୍ତେଜନାପୂର୍ଣ୍ଣ, ଯୌନ ସମ୍ବନ୍ଧୀୟ ଓ ହିଂସାତ୍ମକ କାର୍ଯ୍ୟକ୍ରମକୁ ପ୍ରତ୍ସାହିତ କରୁଛନ୍ତି ।

ଧ୍ୟାନ ଆକର୍ଷଣ କରୁଥିବା ଜନ ସଂଚାର ଓ ମନୋରଞ୍ଜନର ଏହି ନୂତନ ଚେନେଲଗୁଡିକ ବାସ୍ତବିକ ଐତିହାସିକ । ଏକ ପର୍ଯ୍ୟବେକ୍ଷଣରୁ ଜଣା ଯାଇଛି ଯେ ୧୯୮୦ ମସିହାରେ ଆମେରିକାର ଅଧିକାଂଶ ପରିବାର ପାଖରେ ଦୁଇ ଦୁଇଟି ଟେଲିଭିଜନ ସେଟ୍ ଥିବା ବେଳେ ସେଠାରେ ଜଣେ ବାଳକ ନିଜର ପଢ଼ା ବା ଖେଳର ଦୁଇଗୁଣ ସମୟ ଟେଲିଭିଜନ ସମ୍ମୁଖରେ କଟାଉଥିଲା ।

**ଧର୍ମ**

ପାରମ୍ପରିକ କଳାର ରୂପ ଏବଂ ଲୋକ ଐତିହ୍ୟ ବ୍ୟତୀତ ଅନ୍ୟ ଏକ ସାଂସ୍କୃତିକ ସଂସ୍ଥା ହେଲା ଧର୍ମ ଯାହାର ଭୂମିକା ଗତ ଶତାବ୍ଦୀରେ ଅଧିକାଂଶ ସମାଜରେ ସୀମିତ ହୋଇଥିଲା । ବିକଶିତ ତଥା ବିକାଶଶୀଳ ଦେଶମାନଙ୍କରେ ପୂର୍ବାପେକ୍ଷା ଅଧିକ ପ୍ରଭାବଶାଳୀ ଧର୍ମ ନିରପେକ୍ଷ ଦୃଷ୍ଟି କୋଣ ଏବଂ ନିଷ୍ଠାଗୁଡିକ ଯଥା:-ମାନବବାଦ, ରାଷ୍ଟ୍ରବାଦ ଏବଂ ଲୋକତନ୍ତ୍ର ବିଗତ ଶତାବ୍ଦୀର ଲୋକମାନଙ୍କ ମଧ୍ୟରେ ଏକ ବ୍ୟାପକ ଆନ୍ଦୋଳନ ତଥା ପ୍ରତିଶ୍ରୁତି ପାଇଁ ପ୍ରବର୍ତ୍ତାଇ ଥିଲା । ଏହାର ଅଭିପ୍ରାୟ ଏହା ନଥିଲା ଯେ ରାଷ୍ଟ୍ରବାଦୀ (ଯେ ଖୋଲାଖୋଲି ଭାବରେ ରାଷ୍ଟ୍ରପତି ଆନୁଗତ୍ୟ ପ୍ରକାଶ କରନ୍ତି) ଏବଂ ମାନବବାଦୀ (ଯେ ମାନବଜୀବନକୁ ପରବର୍ତ୍ତୀ ଜୀବନ ଅପେକ୍ଷା ଅଧିକ ଗୁରୁତ୍ୱ ଦିଏ)ମାନେ ଏକ ସଙ୍ଗରେ ଧାର୍ମିକ ହୋଇ ପାରିବେ ନାହିଁ । ବାସ୍ତବରେ ପ୍ରାୟ ସମସ୍ତ ଦେଶରେ ଅଧିକାଂଶ ଲୋକ (ବିଶେଷ କରି ମହିଳାମାନେ) ଆଜି ମଧ୍ୟ ନିଜକୁ ଆସ୍ଥାବାନ ବୋଲି ବିଶ୍ୱାସ କରନ୍ତି । ଉଦାହରଣ ସ୍ୱରୂପ ୧୯୮୧ରେ ଯୁକ୍ତରାଷ୍ଟ୍ର ଆମେରିକାରେ ଧାର୍ମିକ ଆସ୍ଥା ଉପରେ ହୋଇଥିବା ଏକ ପର୍ଯ୍ୟବେକ୍ଷଣରୁ ଜଣାଯାଏ ଯେ କେବଳ ୧୦





ପ୍ରତିଶତ ଲୋକ ନିଜକୁ ନାସ୍ତିକ ବୋଲି ପରିପ୍ରକାଶ କରିଥିଲେ । ଏଥି ସହିତ ତୀର୍ଥ ଯାତ୍ରା ତଥା ଭକ୍ତି ସାହିତ୍ୟ ଓ ଭଜନର ପ୍ରକାଶନରେ ବିଗତ ଶତାବ୍ଦୀ ଅପେକ୍ଷା ଅତ୍ୟଧିକ ବୃଦ୍ଧି ହୋଇଥିଲା ।

ତଥାପି ନିତିଦିନିଆ ଜୀବନରେ ଧର୍ମର ସଙ୍କୋଚିତ ପ୍ରଭାବ ଉକ୍ତ ବିଷୟରୁ ସ୍ପଷ୍ଟ ହେଉଅଛି ଯେ ଧର୍ମ ଦୈନନ୍ଦିନ ପ୍ରବୃତି ଯଥା:-ଅଭିବାଦନ, ଖାଇବା ପିଇବା, ଉତ୍ସବ, ସାର୍ବଜନୀନ ସମାରୋହ ଇତ୍ୟାଦିରେ ସାଧାରଣତଃ ସହରମାନଙ୍କରେ ତୁଳନାତ୍ମକ ଭାବେ ସୀମିତ ହୋଇଯାଇଅଛି । ଯେପରିକି ଶହେ ବର୍ଷ ପୂର୍ବରୁ ଏହା ସମାହିତ ହେଉଥିଲା । ଦ୍ୱିତୀୟତଃ, ପୂର୍ବଭଳି ଧାର୍ମିକ ମୂଲ୍ୟ ଏବଂ ଦୃଷ୍ଟିକୋଣ ଅନ୍ୟାନ୍ୟ ମୁଖ୍ୟ ସାମାଜିକ ଅନୁଷ୍ଠାନକୁଡିକୁ ଯଥା ରାଜ୍ୟ, କଳା ଇତ୍ୟାଦିକୁ ପରିବେଷ୍ଟନ କରିପାରିନାହିଁ । ତଥାପି ଆଜିକାଲିର ଅନେକ ପ୍ରଥାଗୁଡିକ ବାସ୍ତବରେ ସାଧାରଣ ଧାର୍ମିକ ବିଶ୍ୱାସର ପୁରାପୁରି ପ୍ରତିକୁଳ ଅଟେ । ଏହିଭଳି ଏକ ଶତାବ୍ଦୀ ପୂର୍ବର ପାଶ୍ଚାତ ଦେଶମାନଙ୍କରେ ମଧ୍ୟ ଅଧିକାଂଶ ବିବାହ ଏବଂ ନବଜାତ ଶିଶୁର ନାମକରଣ ଆଦିପର୍ବ ଗୀର୍ଜାରେ ସମ୍ପାଦିତ ହେବା ଅନିବାର୍ଯ୍ୟ ଥିଲା । ୧୯୯୦ ମସିହ ପର୍ଯ୍ୟନ୍ତ ଏହା ଦେଖିବାକୁ ମିଳିଲା ଯେ ଫ୍ରାନ୍ସରେ କେବଳ ୩୦ ପ୍ରତିଶତ ଦମ୍ପତି ଗୀର୍ଜାରେ ବିବାହ ହୋଇଥିଲେ । ଗୀର୍ଜା ଦ୍ୱାର ନିଷିଦ୍ଧ ହୋଇଥିବା ଛାଡ଼ପତ୍ର ଓ ଗର୍ଭପାତ ପାଶ୍ଚାତ ଦେଶମାନଙ୍କରେ ଆଇନ ଦ୍ୱାରା ଅନୁମୋଦିତ ହେବାରୁ ଏହାକୁ କଳଙ୍କ ବୋଲି ନଭାବି ବହୁସଂଖ୍ୟାରେ ଲୋକେ ଏହାକୁ ସ୍ୱୀକାର କଲେଣି । ଏସିଆ ଓ ଆଫ୍ରିକାର ଅନେକ ରାଷ୍ଟ୍ରମାନଙ୍କରେ ଉପରୋକ୍ତ ଚିନ୍ତାଧାରା ଦୃଷ୍ଟିଗୋଚର ହେଲାଣି ।

**ଶିକ୍ଷା**

ଆଜିକାଲି ଯେତେବେଳେ ଧର୍ମ ବର୍ଦ୍ଧିତ ସାମାଜିକ କ୍ଷେତ୍ରର ଚଳନ୍ତି ନିୟମ ଏବଂ ଆଦର୍ଶକୁ ବ୍ୟାଖ୍ୟା କରିବାରୁ ନିବୃତ୍ତ ରହିବାରୁ ଧର୍ମନିରପେକ୍ଷତା ଓ ବୈଜ୍ଞାନିକ ଜ୍ଞାନଉପରେ ଆଧାରିତ ଆଧୁନିକଶିକ୍ଷାର ପ୍ରସାରରେ ସେହି ସମୟରେ ଚମତ୍କାରିତା ଦେଖିବାକୁ ମିଳୁଛି । ରାଷ୍ଟ୍ର ତଥା ଔଦ୍ୟୋଗିକ ଏବଂ ସେବା କ୍ଷେତ୍ରରେ ଥିବା ଆଧୁନିକ ପଦପଦବୀରେ ନିଯୁକ୍ତି ହେବା ସଂଗେ ସଂଗେ ଦେଶ ପାଇଁ ଆନ୍ତରିକତା ଓ ନିଷ୍ଠା ଥିବା ଏକ ନାଗରିକ ଗୋଷ୍ଠୀର ସୃଷ୍ଟି ପାଇଁ ଲେଖାପଢା ତଥା ଗଣନାରେ ପ୍ରବୀଣ ଥିବା ଏବଂନିଜ ରାଷ୍ଟ୍ରର ଇତିହାସ ତଥା ପରମ୍ପରା ପାଇଁ ଗର୍ବିତ ଥିବା ଏକ ଶିକ୍ଷିତ ଆଧୁନିକ ନାଗରୀକ ଗୋଷ୍ଠୀର ଆବଶ୍ୟକତା ଅନୁଭୁତ ହେଲା ।

**ଲୋକ ପରମ୍ପରା**

ଉନବିଂଶ ଶତାବ୍ଦୀରେ ବହୁତ ପାଶ୍ଚାତ ଦେଶ ସ୍କୁଲ ଶିକ୍ଷାକୁ ବାଧ୍ୟତାମୂଳକ ଓ କମ୍ ବ୍ୟୟସାପେକ୍ଷ ବା ନିଶୁଳ୍କ କରିଦେଇଥିଲେ । ବିଗତ ଶତାବ୍ଦୀରେ ଏସିଆ ଏବଂ ଆଫ୍ରିକାର ନୂତନଭାବେ ସ୍ୱାଧୀନ ପାଇଥିବା ଦେଶଗୁଡିକ ଏହି ପ୍ରକାର ପଦକ୍ଷେପ ନେଇ ବିଶେଷ ଭାବରେ ସଫଳ ହୋଇ ପାରିନଥିଲା । ଏହାର ମୁଖ୍ୟ କାରଣ ହେଲା ସୀମିତ ସମ୍ପଦ ଏବଂ ବ୍ୟୟବହୁଳ ଉପନିବେଶ ବାଦ ଓ ବିଦେଶୀ ଢ଼ାଞ୍ଚାର ଶିକ୍ଷା ବ୍ୟବସ୍ଥା । ଆମ ଦେଶରେ ୧୯୮୦ ପର୍ଯ୍ୟନ୍ତ ପ୍ରାୟ ଅର୍ଦ୍ଧେକ ଲୋକ ସ୍ୱାକ୍ଷର ନଥିଲେ ଏବଂ ଏହାର ଦୁଇ ଦଶନ୍ଧି ପୂର୍ବରୁ ଅଶିକ୍ଷିତଙ୍କ ଆନୁପାତିକ ହାର ଖସି ପ୍ରାୟ ୨୫ ଶତାଂଶରେ ଥିଲା ।

ଇତି ମଧ୍ୟରେ ବିଂଶ ଶତାବ୍ଦୀର ମଧ୍ୟଭାଗରୁ ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷୀପ୍ର ଗତିରେ ବିସ୍ତାର ଲାଭ କରିଥିଲା । ୧୯୩୯ ବେଳକୁ ବ୍ରିଟେନ ଏବଂ ଫ୍ରାନ୍ସ୍ ଭଳି ବିକସିତ ଦେଶମାନଙ୍କରେ ୦.୧ ପ୍ରତିଶତରୁ କମ୍ ଲୋକ କଲେଜରେ ନାମ ଲେଖାଉଥିଲେ । କିନ୍ତୁ ୧୯୯୦ ଦଶକ ବେଳକୁ ଉକ୍ତ ଦେଶମାନଙ୍କରୁ ପ୍ରାୟ

ଦୁଇ ପ୍ରତିଶତ ଲୋକ କଲେଜ ଶିକ୍ଷା ପ୍ରାପ୍ତ ହେଉଥିଲେ (୨୦ଗୁଣ ବୃଦ୍ଧି) । ପ୍ରାଥମିକ ତଥା ବ୍ୟବସାୟୀକ ଶିକ୍ଷାର ବିକାଶ ହୋଇନଥିବା ସ୍ଥଳେ ୧୯୬୦ ଏବଂ ୧୯୮୦ ମସିହା ମଧ୍ୟରେ ବିକାଶଶୀଳ ଦେଶମାନଙ୍କରେ ଉଚ୍ଚ ଶିକ୍ଷାର ବିକାଶରେ ଚମତ୍କାରିତା ଦେଖାଯାଇଥିଲା ଏବଂ ସେହି ଅନୁପାତରେ ଗରିବ ଦେଶର ଛାତ୍ରମାନେ ବିଶ୍ୱବିଦ୍ୟାଳୟରେ ନିଜ ନିଜର ନାମ ଲେଖାଇଥିଲେ । ଏଥି ସହିତ ଏହାର ଅର୍ଥ ବ୍ୟବସ୍ଥାର ଏକ ଅତି ଛୋଟ ଅଂଶ ସଂଗଠିତ ହୋଇଥିବା କାରଣରୁ ଏହି ଦେଶମାନଙ୍କରେ ଶିକ୍ଷିତ ବେରୋଜଗାରି ସମସ୍ୟା ମଧ୍ୟ ଅତି ଉତ୍କଟ ରୂପ ଧାରଣ କରିଥିଲା

ବିଶ୍ୱବିଦ୍ୟାଳୟର ଛାତ୍ରମାନେ ସାମାଜିକ ତଥା ସାଂସ୍କୃତିକ ବିଦ୍ରୋହରେ ସକ୍ରିୟ ଥିଲେ । ୧୯୬୮ରେ ହୋଇଥିବା ବ୍ୟାପକ ଏବଂ ଏକାକାଳୀନ ଛାତ୍ର ବିଦ୍ରୋହ ନିଉୟର୍କ ଏବଂ ସାନ୍‌ଫ୍ରାନ୍‌ସିସ୍‌କୋ ଠାରୁ ପ୍ୟାରିସ୍ ଏବଂ ପ୍ରାଗ୍ ପର୍ଯ୍ୟନ୍ତ ଏକ ଜଙ୍ଗଲି ନିଆଁପରି ବ୍ୟାପି ଯାଇଥିଲା । ଏହା ଆଜି ମଧ୍ୟ ଆମ ମାନସପଟରେ ପ୍ରତିଫଳିତ ହେବାର କାରଣ ହେଲା ଯେ ଏମାନଙ୍କ ମୌଳିକତାବାଦ ଯାହାକି ନିଜ ଦେଶର ଦମନକାରୀ ରାଷ୍ଟ୍ରନୀତି ଏବଂ ଶିକ୍ଷିତ ଶକ୍ତିଶାଳୀ ଗୋଷ୍ଠୀକୁ ବିରୋଧ କରିବା ସଙ୍ଗେ ସଙ୍ଗେ ଭିଏତ୍‌ନାମ୍‌ରେ ଯୁକ୍ତରାଷ୍ଟ୍ର ଆମେରିକାର ହସ୍ତକ୍ଷେପକୁ ବିରୋଧ କରି ଶକ୍ତିଶାଳୀ ଆନ୍ତରାଷ୍ଟ୍ରୀୟବାଦ, ଯୁଦ୍ଧ ବିରୋଧି ଏବଂ ସାମ୍ରାଜ୍ୟବାଦ ବିରୋଧି ଭାବନାକୁ ଜାଗୃତ କରିଥିଲା । ଏହା ସତ୍ତ୍ୱେ ବିଗତ ଦଶନ୍ଧିରେ ବିଶେଷ କରି ସୋଭିଏତ୍ ଋଷର ପତନ ପରେ ପରେ ଏବଂ ପଳାୟନବାଦୀ ମନୋରଞ୍ଜନ ଚେନାଲ (Channel)ଗୁଡ଼ିକର ଦୃତ ପ୍ରସାର ଯୋଗୁଁ ସାରା ବିଶ୍ୱର ଛାତ୍ର ଆନ୍ଦୋଳନରେ ଏକ ଶାନ୍ତ ପରିବେଶ ଦେଖା ଦେଇଛି ।

**୨୮.୩ ପାଠଗତ ପ୍ରଶ୍ନ**

୧) ଦିଆଯାଇଥିବା ପାଠ୍ୟକ୍ରମରେ "ସାଂସ୍କୃତିକ ସଂସ୍କାର"ର ଅର୍ଥ କ'ଣ ? ସଂସ୍କୃତିର କେତେକ ପ୍ରମୁଖ ସଂସ୍କାର ନାମ ଲେଖ ।

..............................................................................................

୨) ବିଂଶ ଶତାବ୍ଦୀରେ ବିଶ୍ୱର ଭାଷା ନମୁନାରେ (Pattern) କି ପ୍ରକାର ପରିବର୍ତ୍ତନ ଦେଖାଦେଲା ?

..............................................................................................

୩) ଆଜିକାଲି ସମାଚାର, ସୂଚନା ପ୍ରାପ୍ତି ଓ ମନୋରଞ୍ଜନ ତଥା କଥାବାର୍ତ୍ତାର ଶୈଳୀରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଥିବା ଜନ ସଂଚାରର (Mass Communication) ବିଭିନ୍ନ ନୂତନ ଚାନେଲଗୁଡ଼ିକର ନାମ ଉଲ୍ଲେଖ କର ।

..............................................................................................

## ୨୮.୪ ବିଶ୍ୱକରଣ /ବିଶ୍ୱବ୍ୟାପ୍ତି

ଆଧୁନିକ ଶିକ୍ଷା, ଜନସଂଚାର ମାଧ୍ୟମ (Mass Media), ଧର୍ମ ନିରପେକ୍ଷ ରାଜନୈତିକ ସିଦ୍ଧାନ୍ତ ଆଦିର ପ୍ରସାର ବିଂଶ ଶତାବ୍ଦୀର ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ବିକାଶରେ ଯୋଗଦାନ କରିଅଛି ଯାହାକୁ ବିଶ୍ୱବ୍ୟାପ୍ତି କୁହାଯାଏ । ବିଶ୍ୱବ୍ୟାପ୍ତି ପ୍ରକ୍ରିୟାର ସଂଜ୍ଞା ହେଲା ଯେଉଁଠାରେ କ୍ରମ ବର୍ଦ୍ଧିତ ବହୁରାଷ୍ଟ୍ରୀୟ ବ୍ୟାପାର, ଉତ୍ପାଦନ ଏବଂ ବିତ୍ତ ସହିତ ରାଜନୈତିକ ଏବଂ କଲ୍ୟାଣକାରୀ ସଂଗଠନ ଯଥା:-ମିଳିତ ରାଷ୍ଟ୍ର ସଂଘ ଏବଂ ବିଶ୍ୱ ସାମାଜିକ ମଞ୍ଚ ଭଳି ବ୍ୟବସାୟୀକ ଗୋଷ୍ଠୀ ଯାହାକି ପରସ୍ପର ନିର୍ଭରଶୀଳ ଅଧିକାଂଶ ଲୋକଙ୍କୁ ଅସୁମଚିତ



ଟିପ୍ପଣୀ

ଚୁକ୍ତି ଦ୍ୱାରା ଏକତ୍ରିତ କରି ଏକ ସଙ୍କୁଚିତ ବିଶ୍ୱ ସ୍ଥାପନ ଯେଉଁଠାରେ କି ଧନୀମାନଙ୍କୁ ଅନୁଗ୍ରହ ଦେଖାଯାଇଥାଏ ।

ବହୁ ରାଷ୍ଟ୍ରୀୟ ନିଗମର ବିକାଶ, ନଗରୀର ମଲ୍ (Mall) ଏବଂ ଇଣ୍ଟରନେଟ୍ ମାଧ୍ୟମରେ ସାରା ବିଶ୍ୱର ଜିନିଷପତ୍ର ଓ ସେବାର ଉପଲବ୍ଧି, ଶସ୍ତା ତଥା ତତ୍‌କ୍ଷଣାତ୍ ବିଚାର, ସମାଚାର ଓ ସୂଚନାଦି ପାଇଁ ସାରା ବିଶ୍ୱ ସହିତ ସଂଯୋଗ, ଫେସନ୍, ଖାଦ୍ୟଦ୍ରବ୍ୟ ଏବଂ ମନୋରଞ୍ଜନରେ ବିଶ୍ୱ ପ୍ରବଣତା ତଥା ବିଶ୍ୱ ମାର୍କେଟର ସ୍ଥାପନ ଇତ୍ୟାଦି ଆଜିକାଲିର ବିଶ୍ୱକରଣ (Globalization) କୁ ସୂଚାଇ ଥାଏ ।

ଏଠାରେ ଏହା ବୁଝିବା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଯେ ବିଶ୍ୱକରଣର ସୃଷ୍ଟି ଅଚାନକ ଭାବେ ବିଂଶ ଶତାବ୍ଦୀରେ ହୋଇନଥିଲା । ବିଶ୍ୱସ୍ତରୀୟ ବ୍ୟାପାରିକ ନେଟ୍‌ୱାର୍କ ଏବଂ ଚିକିତ୍ସା ଓ ବୈଷୟିକ ଜ୍ଞାନକୌଶଳର ପ୍ରବାହ ଧାରା ବିଗତ ସମୟରେ ମଧ୍ୟ ପରିଲକ୍ଷିତ ହୁଏ । ୟୁରୋପୀୟ ରାଷ୍ଟ୍ରମାନଙ୍କ ଦ୍ୱାରା ଅଣ-ୟୁରୋପୀୟ ରାଷ୍ଟ୍ରମାନଙ୍କ ଉପରେ ଉପନିବେଶ ସ୍ଥାପନର ପ୍ରକ୍ରୀୟା ଏକ ଅଦ୍ଭୁତ ଢ଼ଙ୍ଗରେ ବିଶ୍ୱକୁ ଅସମାନଭାବେ ଏକତ୍ରୀକରଣରେ ସହାୟତା ଦେଲା ଯାହାକି ଷୋଡଷ ଶତାବ୍ଦୀର ପ୍ରାରମ୍ଭରେ ଆରମ୍ଭ ହୋଇଥିଲା । ଅନ୍ୟପକ୍ଷରେ ଶକ୍ତିଶାଳୀ ଏବଂ ସୁଦୁର ପ୍ରସାରୀ ଟ୍ରାନ୍‌ସ୍‌ନେସନାଲ କର୍ପରେସନ (Transnational Corporation) ଏବଂ ସଂଗଠନର ବିକାଶ ଓ ଗ୍ଲୋବାଲ ମିଡିଆ ନେଟ୍‌ୱାର୍କର (Global Media Network) ବିକାଶ ମୁଖ୍ୟତ ବିଗତ ଶତାବ୍ଦୀରେ ହୋଇଥିଲା ।

ଉକ୍ତ ସମ୍ବାଦ ସଂସ୍ଥା (News Channels) ଗୁଡିକ ସାରା ବିଶ୍ୱରେ ଜିନିଷପତ୍ର, ସେବା ଓ ସୂଚନା ପ୍ରବାହକୁ ସମ୍ଭବ କରିବା ସଙ୍ଗେ ସଙ୍ଗେ ଅଧିକ ପସନ୍ଦର ସୁବିଧା ସହିତ କେତେକ ଅଞ୍ଚଳର ସମୃଦ୍ଧି ମଧ୍ୟ ଆଶା କରାଯାଇଥିଲା । କିନ୍ତୁ ବାସ୍ତବରେ ଦେଖାଗଲା ଯେ ଏଗୁଡିକ ଅତ୍ୟନ୍ତ ପ୍ରାଚୀନ ସାଂସ୍କୃତିକ ପଦ୍ଧତି ଓ ସାମାଜିକ ପ୍ରଥାଗୁଡିକୁ ସଙ୍ଗେ ସଙ୍ଗେ ଖଣ୍ଡ ବିଖଣ୍ଡିତ କରି ଦେବା ସହିତ ସାରା ବିଶ୍ୱରେ ଧନୀ ଏବଂ ଗରିବ ମଧ୍ୟରେ ଥିବା ପ୍ରଭେଦକୁ ଅଧିକ ତୀବ୍ର କରି ସାରା ବିଶ୍ୱକୁ ପାଶ୍ଚାତ୍ୟ ରୀତିନୀତି ତଥା ମୂଲ୍ୟବୋଧରେ ଗଢ଼ିବା ପାଇଁ ଚେଷ୍ଟା କରିଥିଲା ।

ଦୁର୍ଭାଗ୍ୟବଶତଃ ସାରାବିଶ୍ୱରେ ପାଶ୍ଚାତ ବିଚାର ଏବଂ ରୀତିନୀତିର ପ୍ରସାର ହେବା ସହିତ ସ୍ୱତନ୍ତ୍ରତା, ସମାନତା ଓ ଗଣତନ୍ତ୍ର ଆଦିର ମହାନ ବିଚାରଧାରା ଅଣ-ପାଶ୍ଚାତ ଦେଶକୁ ସ୍ଥାନାନ୍ତରଣ, ପାଶ୍ଚାତ ବ୍ୟକ୍ତିବାଦ, ବସ୍ତୁବାଦ, ଯୁଗ୍ମ ପାରିବାରିକ ଜୀବନ ଏବଂ ସମୁଦାୟ ମଧ୍ୟରେ ସମ୍ପର୍କକୁ ଭାଙ୍ଗିବା, ଏକାକୀଜୀବନ, ମାନସିକ ବିକ୍ଷିପ୍ତତା ଆଦି ସଂକ୍ରାମକ ରୋଗର ପ୍ରସାର ପୂର୍ବ ତୁଳନାରେ ଅଧିକ ହୋଇଅଛି । ଏହାର ଉପରସ୍ତରକୁ ଗଲେ ଦେଖାଯାଏ ଯେ ଅନେକ ବିକାଶଶୀଳ ଦେଶରେ ପ୍ରଚଣ୍ଡ ଦାରିଦ୍ର୍ୟ, ଭ୍ରଷ୍ଟାଚାର, ଅପରାଧିକରଣ, ବେଆଇନ କାର୍ଯ୍ୟକଳାପ ବା ଏକଛତ୍ରବାଦ ଆଦି ସମସ୍ୟାଗୁଡିକ ପରିସ୍ଥିତିକୁ ଜଟିଳ ଓ ଅମଙ୍ଗଳ ସୂଚକ କରୁଛନ୍ତି ।

ଉକ୍ତ ପରିସ୍ଥିତିରେ ଯୁବପିଢ଼ୀଙ୍କ ଉପରେ ଏକ ବିଶାଳ ଦାୟୀତ୍ୱର ବୋଝ ପଡିଅଛି ଯେ ସେମାନେ ପ୍ରଲୋଭନାର ବିକଳ୍ପଗୁଡିକ ମଧ୍ୟରୁ ସଠିକ ବାଟକୁ ଚିହ୍ନଟ କରି ଉକ୍ତ ନୂତନ ଶତାବ୍ଦୀରେ ଆସୁଥିବା ସାଂସ୍କୃତିକ ଏବଂ ସାମାଜିକ ପରିବର୍ତ୍ତନର ଘୂର୍ଣ୍ଣିବାୟୁରୁ ମୁକ୍ତ ହୋଇ ନିଜ ଦେଶର ଗତିପଥକୁ ନିର୍ଦ୍ଦେଶିତ କରିବା ।

## ତୁମ୍ଭେ କ'ଣ ଶିଖିଲ

ନେତା, ଯୁଦ୍ଧ ଏବଂ ବିଦ୍ରୋହ ଆଦି ସମୟ ସମୟରେ ପୃଥିବୀକୁ ବହୁଳଭାବେ ପ୍ରଭାବିତ କରିଥାନ୍ତି କିନ୍ତୁ

ଜନସାଂଖ୍ୟିକି ଏବଂ ସାମାଜିକ ଶ୍ରେଣୀରେ ହେଉଥିବା ଧିରେ ଧିରେ ତଥା ଅନନୁଭବନୀୟ ପରିବର୍ତ୍ତନ ଏବଂ ବ୍ୟାପକ ଭାବେ ପ୍ରଚଳିତ ବିଶ୍ୱାସ, ମୂଲ୍ୟ ଏବଂ ଆଚାର-ବ୍ୟବହାର ମଧ୍ୟ କ୍ରମବର୍ଦ୍ଧନଶୀଳ ପରିବର୍ତ୍ତନ ଆଣିଥାଏ ।

ବିଂଶ ଶତାବ୍ଦୀ ପରବର୍ତ୍ତୀ ପରିବର୍ତ୍ତନ ପାଇଁ ମଧ୍ୟ ଏକ ଅଦ୍ୱିତୀୟ କାଳଅଟେ। ଏହି ସମୟରେ ବିଜ୍ଞାନ, ଔଦ୍ୟୋଗୀକରଣର ଗତିରେ ଚମତ୍କାର ଭାବେ ବିକାଶ ହେଲା ଯେତେବେଳେ କଳା, ଦର୍ଶନ ଓ ସାହିତ୍ୟରେ ବିଶ୍ୱସ୍ତରୀୟ ଆନ୍ଦୋଳନ ଘଟି ଆଧୁନିକତାବାଦ, ସାମାଜିକ ଯଥାର୍ଥବାଦ ଓ ଉତ୍ତର-ଆଧୁନିକତାବାଦ ଏବଂ ସର୍ବବ୍ୟାପି ସାଂସ୍କୃତିକ ସଂସ୍ଥା ଯଥା-ଭାଷା, ଧର୍ମ, ଶିକ୍ଷା ଏବଂ ମାସ୍ ମିଡିଆ ଇତ୍ୟାଦିର କାର୍ଯ୍ୟ ଓ ବ୍ୟବହାରରେ ମାତ୍ରାଧିକ ଓ ଗୁଣାତ୍ମକ ପରିବର୍ତ୍ତନ ଆସିଥିଲା ।

ସବୁ କ୍ଷେତ୍ରରେ ଏବଂ ତୀବ୍ର ବେଗରେ ହୋଇଥିବା ପରବର୍ତ୍ତନର ପରିଣାମ ସ୍ୱରୂପ ସାରା ପୃଥିବୀ ଏବେ ଅଧିକରୁ ଅଧିକ ବିଶ୍ୱକରଣ ଆଡକୁ ଗତି କରୁଛି । ଏହାଦ୍ୱାରା ବିଶ୍ୱର ଅନେକ ଦେଶମାନଙ୍କ ମଧ୍ୟରେ ଉତ୍ପାଦନ, ଉପଭୋଗ ଓ ସେବା ସହିତ ସମ୍ବାଦ, ସୂଚନା, ବିଚାରଧାରା ଓ ମନୋରଞ୍ଜନର ବିନିମୟ ସହିତ ସେମାନଙ୍କ ମଧ୍ୟରେ ଏକିକରଣର ସମାବେଶ ମଧ୍ୟ ସମ୍ଭବ ହୋଇଛି ।

ଉକ୍ତ ଶ୍ରମ ବର୍ଦ୍ଧିଷ୍ଣୁ ସାଂସ୍କୃତିକ ପରିବର୍ତ୍ତନଗୁଡିକ ଯୁବଗୋଷ୍ଠୀକୁ ଦେଖିବା ପାଇଁ ଏବଂ ଗତିଶୀଳ କରିବା ପାଇଁ ନୂତନ ସୁଯୋଗ ଦେବା ସହିତ ସେମାନଙ୍କ ପାଇଁ କେତେକ ସମସ୍ୟା ସୃଷ୍ଟି କରିଅଛି ଯଥା:- ବଢୁଥିବା ଆନ୍ତର୍ଜାତିକ ପ୍ରତିଯୋଗିତା, ଅହଂକାରର ବୃଦ୍ଧି, ଉପଭୋକ୍ତାବାଦ ଓ ଭୋଗବାଦ ଯାହାର ପରିଣାମ ସ୍ୱରୂପ ପରିବାର, ଦେଶ ଏବଂ ଏକ ସଠିକ୍, ସମୃଦ୍ଧ ଓ ମୁକ୍ତ ସମାଜ ଗଠନ ପାଇଁ ସାମୁହିକ ପ୍ରଚେଷ୍ଟାରୁ ବିଚ୍ଛିନ୍ନ ହୋଇ ରହୁଛନ୍ତି ।

## ପାଠଗତ ପ୍ରଶ୍ନ

୧. ବିଂଶ ଶତାବ୍ଦୀରେ ବିଜ୍ଞାନ ଓ ବୈଶୟିକ ଜ୍ଞାନ କୌଶଳରେ ହୋଇଥିବା ଅଭୁତ ପୂର୍ବ ବିକାଶ ଏକ ଅମିଶ୍ରିତ ବରଦାନ । ସମୀକ୍ଷା କର ?

୨. ସାର୍ବଜନୀନ ଜୀବନରେ ଧର୍ମର ଭୂମିକା ଏବେ କମୁଥିବା ବେଳେ ବିଶ୍ୱର ଅଧିକାଂଶ ଲୋକ ନିଜକୁ ଧାର୍ମିକ ବୋଲି କହୁଛନ୍ତି । ବ୍ୟାଖ୍ୟକର ?

୩. ବିଂଶ ଶତାବ୍ଦୀରେ ହୋଇଥିବା ସାଂସ୍କୃତିକ ପରିବର୍ତ୍ତନରେ ଶିକ୍ଷା ଏବଂ ବିଦ୍ୟାର୍ଥୀମାନଙ୍କର ଭୂମିକା ଉଲ୍ଲେଖ କର ।

୪. ବିଶ୍ୱକରଣ ଏବଂ ପଶ୍ଚିମୀକରଣ ମଧ୍ୟରେ ସମନ୍ଧର ବ୍ୟାଖ୍ୟା କରିବା ସହିତ ଭାରତ ଭଳି ଦେଶରେ ସଂସ୍କୃତିରେ ଏହା କି ପ୍ରକାର ପ୍ରତିବନ୍ଧକ ଏବଂ ସୁଯୋଗ ସୃଷ୍ଟି କରିଛି ତାହା ପ୍ରତିଫଳନ କର ।

## ୨୮.୧ ପାଠଗତ ପ୍ରଶ୍ନର ଉତ୍ତର

୧. ବିଂଶ ଶତାବ୍ଦୀରେ ହୋଇଥିବା ବୈପ୍ଳବିକ ପରିବର୍ତ୍ତନରେ ୧୯୧୭ରେ ସୋଭିଏତ୍ ୟୁନିଅନର ଜନ୍ମ ଓ ୧୯୪୭ ରୁ ଭାରତ ନେତୃତ୍ୱରେ ଏସିଆ ଓ ଆଫ୍ରିକାର ଔପନିବେଶିକ ରାଷ୍ଟ୍ରମାନଙ୍କର ସ୍ୱାଧୀନତା ଜଡିତ । ଏକ ସମୟରେ ହୋଇଥିବା ଧିରେ ଧିରେ ତଥା ପ୍ରମୁଖ ସାଂସ୍କୃତିକ ପରିବର୍ତ୍ତନର ଉଦାହରଣରେ ଶିକ୍ଷା ଓ ବିଚାରଧାରର ବିକାଶ ହେବା ସଙ୍ଗେ ସଙ୍ଗେ ମାସ୍ ମିଡିଆ ଜରିଆରେ ବିଚାର ଧାରାର ପ୍ରସାର ଏବଂ ମନୋରଞ୍ଜନ, ସମାଚାର ଏବଂ ଜ୍ଞାନର ଉତ୍ପାଦନରେ ବୃଦ୍ଧି ପାଉଥିବା ବିଶ୍ୱକରଣ ସମ୍ମିଳିତ ଅଟେ ।



ଟିପ୍ପଣୀ

୨. ସାମାଜିକ ବୈଜ୍ଞାନିକମାନେ ସଂସ୍କୃତି ଶବ୍ଦକୁ ଦୁଇ ପୃଥକ ଭାବରେ ବ୍ୟବହାର କରିଛନ୍ତି । ଯଥା:- କଳା, ସାହିତ୍ୟ, ଦର୍ଶନ ଇତ୍ୟାଦିରେ ସୃଜନାତ୍ମକ କାର୍ଯ୍ୟ ବିଷୟରେ ଉଲ୍ଲେଖ ତଥା କୌଣସି ଗୋଷ୍ଠୀ ବା ସମୁଦାୟର ସାର୍ବଜନୀନ ମୂଲ୍ୟ, ବିଶ୍ୱାସ, ଆଚାର ବ୍ୟବହାର ଆଦି ଯାହାକି ଇତିହାସରୁ ନିସୃତ, ଭୌତିକ ପରିବେଶ ଏବଂ ଭାଷା ଓ ଲୋକ ପରମ୍ପରା ଇତ୍ୟାଦିରୁ ମିଳିତ ତଥ୍ୟ ସମ୍ବଳିତ । ସଂସ୍କୃତିର ପ୍ରଥମ ଧାରଣା ବିଶେଷ ଭାବରେ ଉଚ୍ଚକୋଟୀର ପ୍ରତିଭା ସମ୍ପନ୍ନ ବକ୍ତିଙ୍କ ସହିତ ଜଡିତ ଥିବା ବେଳେ ଅନ୍ୟ ଧାରଣାଟି ସାମାଜିକ ସମୂହ ବିଷୟରେ ଅଟେ । ଉଭୟ ଧାରଣା ମୁଖ୍ୟତଃ ମାନସିକ ଘଟଣାକ୍ରମ ବିଷୟରେ ଜଡିତ ।

୩. ସଂସ୍କୃତି ଶବ୍ଦର ଅଭିବ୍ୟକ୍ତି ସେତିକି କଠିନ ଯେତିକି ଏହା ସାମାଜିକ ବିଜ୍ଞାନୀମାନଙ୍କ ପାଇଁ ମହତ୍ୱପୂର୍ଣ୍ଣ । ଏହାର କାରଣ ହେଲା ଯେ ବିଭିନ୍ନ ବିଚାରକମାନଙ୍କର ବ୍ୟବହାର ରୀତି ବିଭିନ୍ନ ପ୍ରକାରର ହୋଇଥାଏ । ଏଥି ସହିତ ଏହି ଶବ୍ଦ କେତେକ ଅଭୂତପୂର୍ବ ଘଟଣାକୁ ସଙ୍କେତ କରିଥାଏ ଯାହାକି ବାସ୍ତବ ନୁହେଁ ବା ଯାହାକୁ ନିରୁପଣ କରିବା ସମ୍ଭବ ନୁହେଁ ।

**୨୮.୨**

୧. ବିଂଶ ଶତାବ୍ଦୀର ପ୍ରମୁଖ ବୈଜ୍ଞାନିକମାନେ ହେଲେ:-

**ମେଡ଼ମ୍ କ୍ୟୁରୀ:** (ଯେ ରେଡ଼ିଏସନ୍ ପ୍ରକ୍ରୀୟା ଉପରେ କାର୍ଯ୍ୟ କରୁ କରୁ ନିଜ ଜୀବନକୁ ବଳିଦାନ କରିଥିଲେ)

**ଆଲବର୍ଟ ଆଇନ୍‌ଷ୍ଟିନ୍:** (ସାପେକ୍ଷଣର ସିଦ୍ଧାନ୍ତ ସେ ଜାଣିଥିଲେ)

**ଫିନ୍‌ମେନ୍** (Fyne Man)**:** (ସବ୍-ଏଟୋମିକ୍ ପାର୍ଟିକ୍ଲିସ୍ ତରଙ୍ଗ ସିଦ୍ଧାନ୍ତର ବୈଜ୍ଞାନିକ ଗବେଷଣା)

**ଚାର୍ଲସ୍ ବାବେଜ୍:** (କମ୍ପ୍ୟୁଟରର ଉଦ୍‌ଭାବନରେ କାମ କରିଛନ୍ତି)

୨. ଆଧୁନିକତାବାଦ୍, ସାମାଜିକ ଯଥାର୍ଥବାଦ, ଉତ୍ତର-ଆଧୁନିକତାବାଦ

୩. ବାଟ୍ରେଣ୍ଡ ରସେଲ, ନୋଏମ୍ ଚୌମ୍‌ସ୍କି, ଇ.ପି. ଥମ୍ପସନ୍, ଅମର୍ତ୍ତ୍ୟ ସେନ୍ ।

**୨୮.୩**

୧. ସାଂସ୍କୃତିକ ସଂସ୍ଥାଗୁଡ଼ିକ ପ୍ରତୀକ ପ୍ରଣାଳୀ (Symbol System)କୁ ଅବଲମ୍ବନ କରନ୍ତି ଯାହାଦ୍ୱାରା କୌଣସି ସମୁଦୟର ଦୃଷ୍ଟିଭଙ୍ଗି, ବିଶ୍ୱାସ ଏବଂ ମୂଲ୍ୟକୁ ଆକାର ଦେବା ପାଇଁ ତିଆରି କରାଯାଇଛି । ସବୁ ସମାଜରେ ଦେଖା ଦେଇଥିବା କେତେକ ମୁଖ୍ୟ ସାଂସ୍କୃତିକ ସଂସ୍ଥାଗଡ଼ିକ ହେଲା ଧର୍ମ, ଶିକ୍ଷା, ଭାଷା, ପରମ୍ପରା ଏବଂ ରିତିନୀତି ଏବଂ ଜନସଂଚାରର ସାଧନ ।

୨. ବିଂଶ ଶତାବ୍ଦୀରେ ଏସିଆ ଓ ଆଫ୍ରିକାର ଦେଶମାନଙ୍କରେ ମଧ୍ୟ ସ୍ଥାନୀୟ ଭାଷା ଏବଂ ପ୍ରତିଷ୍ଠିତ ଭାଷା ଦୃଢ଼ୀଭୂତ ହୋଇ ରାଷ୍ଟ୍ରୀୟ ଭାଷା ବା ମୁଖ୍ୟ ପ୍ରାଦେଶିକ ଭାଷାରେ ପରିଣତ ହୋଇଥିଲା । ଏହା ସହିତ ଇଂରେଜି ବିଶ୍ୱକୃତି ପୃଥିବୀର ଏକ ସଂଯୋଗକାରୀ ଭାଷା ହିସାବରେ ପ୍ରତିଷ୍ଠା ଲାଭ କଲା ।

୩. ଟେଲିଫୋନ, ରେଡିଓ, ସିନେମା, ଟେଲିଭିଜନ, ଟେପ୍‌ରେକଡର, କମ୍ପେକ୍ଟ ଡିସ୍କ, କମ୍ପୁଟର, କମ୍ପୁନିକେଶନ, ସେଟଲାଇଟ ଓ ମୋବାଇଲ ଫୋନ ।ୟ



ଟିପ୍ପଣୀ

ପାଠାନ୍ତ ପ୍ରଶ୍ନର ସଙ୍କେତ

୧. ଦେଖ - ୨୮.୨

୧. ଦେଖ - ୨୮.୩

୧. ଦେଖ - ୨୮.୩.୬

୧. ଦେଖ - ୨୮.୪

**ପରିଯୋଜନା କାର୍ଯ୍ୟ** Project work

ସାଂସ୍କୃତିକ ପରିବର୍ତ୍ତନ ସାଧାରଣତଃ ଅତି ମନ୍ଥର ବା ଅନୁପଲବ୍ଧ ହୋଇଥାଏ । କିନ୍ତୁ ବିଂଶ ଶତାବ୍ଦୀରେ ପୂର୍ବ ତୁଳନାରେ କ୍ଷୀପ୍ରଗତିରେ ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ନିଜ ପୂର୍ବଜମାନଙ୍କୁ ପଚାରି ତାଙ୍କର ଜୀବନକାଳରେ ଦେଖା ଦେଇଥିବା କିଛି ସାଂସ୍କୃତିକ ପରିବର୍ତ୍ତନର ଉଦାହରଣ ଦିଅ ଯାହାଦ୍ୱାରା ଉକ୍ତ ପରିବର୍ତ୍ତନକୁ ପ୍ରାଞ୍ଜଳ କରିହେବ ।

ଆଜିକାଲି ଭାରତରେ ଭାରତୀୟ ସଂସ୍କୃତିର ମୂଲ୍ୟ, କଳା, ଅନୁଷ୍ଠାନ ଏବଂ ରୀତୀନୀତିରେ ପ୍ରଚଳିତ ଅନେକତା ମଧ୍ୟରେ ଏକତାର କିଛି ମୌଳିକ ଉପାଦାନଗୁଡିକୁ ଉଲ୍ଲେଖ କର ।

**ଶବ୍ଦାବଳୀ**

**ସଂସ୍କୃତି** - ଏକ ସମୁଦାୟର ମୂଲ୍ୟ (Shared value), ବିଶ୍ୱାସ ଏବଂ ରୀତିନୀତି ଓ ଅନ୍ୟପକ୍ଷରେ କଳା, ସାହିତ୍ୟ, ଦର୍ଶନ ଶାସ୍ତ୍ର ବା ବିଜ୍ଞାନ କ୍ଷେତ୍ରରେ ହୋଇଥିବା ସୃଜନାତ୍ମକ କାର୍ଯ୍ୟ ।

**ବିଶ୍ୱକରଣ / ବିଶ୍ୱବ୍ୟାପ୍ତି** - ସବୁ ଦେଶର ଏପାରି ସେପାରି ସଂଚାର, ମନୋରଞ୍ଜନ, ବ୍ୟାପାର ଏବଂ ରାଜନୀତିର ନେଟୱାର୍କ ମାଧ୍ୟମରେ ବନ୍ଧିତ ବିଶ୍ୱ ଏକିକରଣ ।

**ଅବୋଧ ଭାଷା** (Jargon) - ଜ୍ଞାନ ପ୍ରଦର୍ଶନ ପାଇଁ ନିତିଦିନିଆ ଶବ୍ଦ ବ୍ୟବହାର ନକରି ତା' ସ୍ଥାନରେ ଟେକ୍‌ନିକ୍ ବା ଅପରିଚିତ ଶବ୍ଦର ପ୍ରୟୋଗ କରିବା ।

**ଦ୍ୱିଭାଷୀକରଣ** - ସମାନ କ୍ଷମତା ସହିତ ଦୁଇ ଭାଷାର ପ୍ରୟୋଗ କରିବା ବା ବୁଝିବାର ଯୋଗ୍ୟତା ।

**ଆଧୁନିକତାବାଦ** - ବିଂଶ ଶତାବ୍ଦୀର ଏକ ବଡ ସୌନ୍ଦର୍ଯ୍ୟ ପୂର୍ଣ୍ଣ ପ୍ରବଣତା ଯାହା ଆଧୁନିକ ସମାଜର ଆନ୍ତରିକ ଯନ୍ତ୍ରଣା ଓ ସମସ୍ୟାକୁ ଅଭିବ୍ୟକ୍ତ କରେ ।

**ଧର୍ମନିରପେକ୍ଷତା** - ନାସ୍ତିକତାବାଦର ଉତ୍‌ଥାନକୁ ଜଡିତ ନକରି ସାର୍ବଜନୀନ ଜୀବନରେ ଧର୍ମର ପତନାଭିମୁଖି ଭୂମିକା ।